# ନବ ନିର୍ମାଣ କୃଷକ ସଙ୍ଗଠନ ତରଫରୁ ଦାବିପତ୍ର



ବିଭିନ୍ନ ଦାବି ନେଇ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଢେଙ୍କାନାଳ,୨୪।୨(ରତନ ନାୟାର)

ନବନିର୍ମାଣ କୃଷକ ସଙ୍ଗଠନ ଢେଙ୍କାନାଳ ଶାଖା ତରଫରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲା ପ୍ରଭାରୀ ଅଶ୍ୱିନୀ କୁମାରଙ୍କ ସହ ଜିଲା ସଭାପତି ପ୍ରହ୍ଲାଦ ସାହୁ, ଜିଲା ସଂଯୋଜକ ଚନ୍ଦ୍ରଶେଖର ବରାଳ, ଜିଲା ସମ୍ପାଦକ ସୁଧାକର ପରିଡ଼ା, ସାମାଜିକ କର୍ମୀ ପ୍ରଫୁଲ୍ଲ ପରିଡ଼ା, ଅଶୋକ ରାଉତ, ବାସନ୍ତୀ ସ୍ୱାଇଁ, ରୁବି ଦେହୁରୀ, ଶ୍ରୀନିବାସଙ୍କ ସମେତ ଅନେକ ଚାଷୀ ଦାବିପତ୍ର ପ୍ରଦନ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ କଟ୍‌ନି ଛଟ୍‌ନି ସମ୍ପୂର୍ଣ୍ଣ ବନ୍ଦ କରିବା, ଏଫ୍ଏକ୍ୟୁ ଧାନ ବାହାନାରେ ଚାଷୀଙ୍କୁ ଶୋଷଣ ଓ ହଇରାଣ ହରକତ ବନ୍ଦ କରିବା, ଯେଉଁ ମିଲର ଓ ସୋସାଇଟି ସମ୍ପାଦକମାନେ କଟ୍‌ନି ଛଟ୍‌ନି ମାଧ୍ୟମରେ ଧାନ ସଂଗ୍ରହ କରୁଛନ୍ତି, ସେମାନଙ୍କୁ ବରଖାସ୍ତ କରିବା ସହିତ ଆପରାଧିକ ମାମଲା ରୁଜୁ କରାଯାଇ ଜେଲ୍ ପଠାଯିବା, ଏଫ୍ଏକ୍ୟୁ ଧାନର ପ୍ରକୃତ ମାନଦଣ୍ଡ ସାର୍ବଜନୀନ କରିବା, ଭାଗଚାଷୀଙ୍କୁ ଟୋକନ୍ ଦିଆଯାଇ ଭାଗ ଅନୁଯାୟୀ ପାଉଥିବା ଧାନର ଅଂଶ ମୁତାବକ ପ୍ରାପ୍ତ ଦିଆଯିବା, ଗୋପନୀୟ ଭାବରେ ଏକ ସ୍କ୍ୱାଡ୍ ଜିଲାରେ ବୁଲି ମଣ୍ଡିର ତଦାରଖ କରିବା, ବନ୍ୟପ୍ରାଣୀ ଦ୍ୱାରା କ୍ଷତିଗ୍ରସ୍ତ ଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ଆଦି ଦାବି କରାଯାଇଛି। ଗତ ୨୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହ ନବ ନିର୍ମାଣ କୃଷକ ସଙ୍ଗଠନ ଆଲୋଚନା କରିବା ପରେ ଚାଷୀ ଓ ଚାଷ ପାଇଁ ସରକାର ସମ୍ପୂର୍ଣ୍ଣ ସମ୍ବେଦନଶୀଳ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସମ୍ବେଦନଶୀଳ କଥା କହି ପ୍ରତି ମଣ୍ଡିରେ ହେଉଥିବା ବ୍ୟାପକ ଦୁର୍ନୀତିକୁ ବନ୍ଦ କରିବାରେ ସରକାର ଅସମର୍ଥ ହୋଇପଡିଛନ୍ତି। ଏଥିଲାଗି ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦୀର୍ଘ ୧୦ ଦିନ ହେଲା ଆମରଣ ଅନସନରେ ବସିଛନ୍ତି। କିନ୍ତୁ ସରକାର ଏହାର କୌଣସି ପ୍ରତିକାର କରୁନାହାନ୍ତି। ଯଦି ସରକାର ଏଥିପ୍ରତି ଧ୍ୟାନ ନ ଦିଅନ୍ତି, ତେବେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ପରଜଙ୍ଗ ଥାନା ଅଞ୍ଚଳରେ ମିଳିବ ୧୧୨ ସେବା

ପରଜଙ୍ଗ,୨୪।୨
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନାରେ ମିଳିବ ଜରୁରୀ ୧୧୨ ସେବା। ପରଜଙ୍ଗ ଅଞ୍ଚଳରେ ଅପରାଧ ଓ ଦୁର୍ଘଟଣା ବଢ଼ି ଚାଲିଥିବା ବେଳେ କୌଣସି ଦୁର୍ଘଟଣା କିମ୍ବା ଅପରାଧ ଘଟିଲେ ଲୋକମାନେ ତୁରନ୍ତ ପୋଲିସକୁ ଏହି ଜରୁରୀ ନମ୍ବରରେ ଖବର ଦେଇପାରୁ ନ ଥିଲେ। ବର୍ତ୍ତମାନ ଉକ୍ତ ଜରୁରୀ ନମ୍ବର କାର୍ଯ୍ୟକ୍ଷମ ହୋଇଥିବାରୁ ତୁରନ୍ତ ପୋଲିସକୁ ଖବର ଦେବାପାଇଁ ଏବେ ୧୧୨କୁ କଲ୍ କରିବାକୁ ଥାନା ଅଧିକାରୀ ପ୍ରିୟବ୍ରତ ଦାସ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ୧୧୨ ଗାଡ଼ିରେ ୨୪ ଘଣ୍ଟିଆ କର୍ମଚାରୀ ନିୟୋଜିତ ଥିବାରୁ କଲ ସେଣ୍ଟର୍‌ରୁ ଖବର ଆସିବା ମାତ୍ରେ ଘଟଣାସ୍ଥଳେ ତୁରନ୍ତ ପୋଲିସ କର୍ମଚାରୀ ପହଞ୍ଚିବେ ବୋଲି ଥାନା ପକ୍ଷରୁ କୁହାଯାଇଛି।

# ଭୁବନ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ

ଭୁବନ, ୨୪।୨(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟତଃ ବିକଶିତ ଗାଁ ବିକଶିତ ଓଡ଼ିଶା ଉପରେ ଆଲୋଚନା କରାଯାଇଥିଲା। ବ୍ଲକର ୧୮ଟି ପଞ୍ଚାୟତ ପାଇଁ ୨କୋଟି ୪୭ ଲକ୍ଷ ଟଙ୍କା ବ୍ୟୟରେ ଉନ୍ନୟନମୂଳକ କାର୍ଯ୍ୟ ହେବା ପାଇଁ ପଲ୍ଲିସଭାରେ ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ପଞ୍ଚାୟତର ଲୋକ ସଂଖ୍ୟାକୁ ନେଇ ଅନୁଦାନ ସ୍ଥିର କରାଯାଇଛି। ବ୍ଲକର ଭୂଷଳ ପଞ୍ଚାୟତକୁ ସର୍ବାଧିକ ଅନୁଦାନ ମିଳିଥିବା ବେଳେ ଜମୁନାକୋଟ ପଞ୍ଚାୟତକୁ ସର୍ବନିମ୍ନ ଅନୁଦାନ ମିଳିଛି। ଠେକରେ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ଅଧ୍ୟକ୍ଷତା କରିଥିବା ବେଳେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଉପାଧ୍ୟକ୍ଷା ସରୋଜିନୀ ଦିବେଦୀ, ଜିଲାପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ସିଲାରାଣୀ ସାହୁ ଓ ସୁବାସ ମାଝୀ, ବିଡିଓ ଆୟୁଷୀ ମହାପାତ୍ର, ଅତିରିକ୍ତ ବିଡିଓ ଅଶୋକ ମିଶ୍ରଙ୍କ ସମେତ ସମସ୍ତ ପଞ୍ଚାୟତର ଲୋକପ୍ରତିନିଧି ଉପସ୍ଥିତ ଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିବା ଦେଖା ଦେଇଥିଲା। ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ସୁଚାର ରୂପେ କାର୍ଯ କରାଯିବା ପାଇଁ ବିଧାୟକ ବିଭାଗୀୟ ଅଧିକାରୀ ଓ ଲୋକ ପ୍ରତିନିଧିମାନଙ୍କୁ କହିଥିଲେ।




ବୈଠକରେ ଜନପ୍ରତିନିଧିଙ୍କ ସହ ଅଧିକାରୀମାନେ।

# ବିଦ୍ୟୁତ୍ ଟାୱାରରେ ଚଢ଼ିଯାଇଥିବା ଯୁବକ ଉଦ୍ଧାର



ବିଦ୍ୟୁତ୍ ଟାୱାରରୁ ଉଦ୍ଧାର ଯୁବକ।

ଢେଙ୍କାନାଳ,୨୪।୨(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ବଡ଼ ମୁକ୍ତାପଶି ସାହି ଅଞ୍ଚଳରେ ସୋମବାର ଅପରାହ୍ନରେ ସ୍ଥାନୀୟ ଯୁବକ ସନାତନ ମଣ୍ଡଳ ଏକ ୧୩୨ କେଭି ବିଦ୍ୟୁତ୍ ଟାୱାର ଉପରେ ଚଢ଼ି ଯାଇଥିଲେ। ଖବରପାଇ ଅଗ୍ନିଶମ ବିଭାଗ, ପୋଲିସ ଓ ବିଦ୍ୟୁତ୍ କର୍ମଚାରୀମାନେ ପହଞ୍ଚି ତାଙ୍କୁ ତଳକୁ ଆଣିବାକୁ ନାକେଦମ ହୋଇଥିଲେ। ବିଦ୍ୟୁତ୍ ସରବରାହ ବନ୍ଦ ରଖିବା ପରେ ପୋଲିସ ଓ କାମାକ୍ଷାନଗର ଅଗ୍ନିଶମ ସେବା କେନ୍ଦ୍ର କର୍ମଚାରୀମାନେ ବହୁ ଚେଷ୍ଟାକରି ତାଙ୍କୁ ଉଦ୍ଧାର କରି ପୋଲିସ ଜିମା ଦେଇଥିଲେ। ସନାତନ ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରୁଥିଲେ ବୋଲି ସାଧାରଣରେ ଆଲୋଚନା ହେଉଛି। ଅଗ୍ନିଶମ ସେବା ପକ୍ଷରୁ ତାଙ୍କୁ ଉଦ୍ଧାର କରାଯାଇ ପୋଲିସ ଜିମାରେ ଦିଆଯାଇଥିବା ଜିଲା ଅଗ୍ନିଶମ ସେବା ଅଧିକାରୀ ପ୍ରଶାନ୍ତ କୁମାର ଧଳ ସୂଚନା ଦେଇଛନ୍ତି।

# ୩୨ ଜଣଙ୍କୁ ଘରପଟ୍ଟା ବାଣ୍ଟିଲେ ବିଧାୟକ



ହିତାଧିକାରୀମାନଙ୍କୁ ସରକାରୀ ଘରଡିହ ପଟ୍ଟା ବଣ୍ଟନ କରାଯାଉଛି।

ପରଜଙ୍ଗ,୨୪।୨
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ କାର୍ଯ୍ୟାଳୟଠାରେ ସୋମବାର ରାଜସ୍ୱ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା, ପରଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପରଜଙ୍ଗ ତହସିଲଦାର ଦିଲୀପ କୁମାର ନାୟକ ସଭାପତିତ୍ୱ କରିଥିଲେ। ସୁପରଭାଇଜର କୀର୍ତ୍ତିପ୍ରଦ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କର୍ମଚାରୀମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ବିଧାୟକ ପ୍ରଧାନ ସରକାରୀ ଅନୁଷ୍ଠାନଙ୍କୁ ନିଜସ୍ୱ ପଟ୍ଟା ପ୍ରଦାନ କରିବା ସହ ସରକାରୀ ଜମିକୁ ଜବରଦଖଲ କରିଥିବା ବ୍ୟକ୍ତି ବିଶେଷଙ୍କଠାରୁ ଜମି ଉଚ୍ଛେଦ କରି ଏକ ଜମି ବ୍ୟାଙ୍କ କରିବାକୁ ତହସିଲ ପ୍ରଶାସନଙ୍କୁ ପରାମର୍ଶ ଦେଇଥିଲେ। ଏହାଛଡ଼ା ପରଜଙ୍ଗକୁ ତୁରନ୍ତ ଏନ୍ଏସି କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ବିଭିନ୍ନ ପଞ୍ଚାୟତର ୩୩ ଜଣ ଗରିବ ମହିଳା ଓ ପୁରୁଷଙ୍କୁ ସରକାରୀ ଘରଡିହ ପଟ୍ଟା ବଣ୍ଟନ କରିଛନ୍ତି। ଶେଷରେ ତହସିଲଦାର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପରଜଙ୍ଗ ତହସିଲ କାର୍ଯ୍ୟାଳୟର ଓମ୍ ପ୍ରକାଶ ସିଂ, ଅନୁପ ସିଂ, ଅର୍ଦ୍ଧେନ୍ଦୁ ଶେଖର ପତି ପ୍ରମୁଖ ସହଯୋଗ କରିଥିଲେ।

# ୫ଦିନରେ ଜିଲାରେ ୩ ହତ୍ୟାକାଣ୍ଡ

ଢେଙ୍କାନାଳ,୨୪।୨(ରତନ ନାୟାର)

ଢେଙ୍କାନାଳ ଜିଲାରେ ୫ଦିନ ମଧ୍ୟରେ ୩ଟି ହତ୍ୟାକାଣ୍ଡ ପୋଲିସ ମୁଣ୍ଡବ୍ୟଥାର କାରଣ ସାଜିଛି। ଏପରିକି ୨୪ ଘଣ୍ଟାରେ ୨ଟି ହତ୍ୟା ମାମଲା ରୁଜୁ ହୋଇଛି। ଗତ ୨୦ ତାରିଖ ଦିନ କାମାକ୍ଷାନଗର ଉପଖଣ୍ଡ ତୁମୁସିଙ୍ଗା ଥାନା ଗୁନେଇବିଲି ଗ୍ରାମରେ ଏକ ଘରୁ ସିରିମୁଳା ପଞ୍ଚଶଖା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ଦେହୁରୀଙ୍କ ମୃତଦେହ ପୋଲିସ ଜବତ କରିଥିବା ବେଳେ ତାଙ୍କୁ ସେହି ସ୍କୁଲର କଳା ଶିକ୍ଷକ ସୋମନାଥ ବିଶ୍ୱାଳ ହତ୍ୟା କରିଥିବା ଅଭିଯୋଗରେ ଗିରଫ ହୋଇଥିଲେ। ସେହିପରି ରବିବାର ଭୋର୍ ସମୟରେ ଢେଙ୍କାନାଳ ଜିଲା ସଦରଥାନା ଭାପୁର ଫାଣ୍ଡି କଳାଙ୍ଗ ଫାସିଗାଁଠାରେ ଏକ ଫାର୍ମ ହାଉସରେ ବନ୍ୟପ୍ରାଣୀ ଶିକାର କରିବାକୁ ଯାଇ ସମ୍ପର୍କୀୟ ଭିଣୋଇ ରମେଶଚନ୍ଦ୍ର ନାୟକଙ୍କ ଗୁଳିରେ ଶାଳକ ତଥା ଫାର୍ମ ହାଉସ ମାଲିକ ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ରବିବାର ରତିରେ ଗଁଦିଆ ଥାନା ଧନିଆନାଳୀ ମୁଣ୍ଡା ସାହିରେ ରାତିରେ ଚିକେନ ରାନ୍ଧି ନ ଦେବାରୁ ସ୍ୱାମୀ ଜେନା ପିଙ୍ଗୁଆଙ୍କ ଶକ୍ତ ଚାପୁଡ଼ାରେ ସ୍ତ୍ରୀ କୁନି ପିଙ୍ଗୁଆଙ୍କ ମୃତ୍ୟୁ ଘଟିଛି। ଗୋବିନ୍ଦ ହତ୍ୟାକାଣ୍ଡରେ ଅଭିଯୁକ୍ତ ଭିଣୋଇ ରମେଶ ନାୟକ ଗିରଫ ହୋଇଥିବା ବେଳେ କୁନି ପିଙ୍ଗୁଆ ହତ୍ୟାକାଣ୍ଡରେ ଅଭିଯୁକ୍ତ ସ୍ୱାମୀ ଜେନା ପିଙ୍ଗୁଆ ମଧ୍ୟ ଗିରଫ ହୋଇଛନ୍ତି ।

# ମହୁଲପୁଞ୍ଜିରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ

ଭାପୁର,୨୪।୨ (ରାଜକୁମାର ପ୍ରଧାନ)

ଢେଙ୍କାନାଳ ଜିଲା ସଦର ବ୍ଲକ ଭାପୁର ପଞ୍ଚାୟତ ଅଧୀନ ମହୁଲପୁଞ୍ଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ଆମ ସଂସ୍କୃତି ଆମ ଖେଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପୁରାତନ ଛାତ୍ର ଓ ଅନୁଷ୍ଠାନ ପକ୍ଷରୁ ଶିକ୍ଷା କମିଟିକୁ ଆର୍ଥିକ ସହାୟତା ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ଗତ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତ୍ୟେକ ଶ୍ରେଣୀର ୩ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମାତୃଭାଷାକୁ ବଞ୍ଚାଇବା ପାଇଁ ଭବିଷ୍ୟତ ପିଢ଼ିକୁ ଆମ ସଂସ୍କୃତି ସହିତ ଜଡ଼ିତ କରାଇବା ନିହାତି ଆବଶ୍ୟକ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଶୁକ୍ଳ କହିଥିଲେ। ଏହି ଅବସରରେ ଶିକ୍ଷା କମିଟି ଉପ ସଭାନେତ୍ରୀ ରୁଣଝୁନ ପାଣିଗ୍ରାହୀଙ୍କ ସମେତ କମିଟି ସଦସ୍ୟ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କାମାକ୍ଷାନଗର,୨୪।୨(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା ମଠକରଗୋଳା ମହାବିଦ୍ୟାଳୟ ପରିସରରେ ଛାତ୍ରୀଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ମାୟାଧର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସଂଯୋଜିକା ଅଧ୍ୟାପିକା ଅର୍ଚ୍ଚିତା ମହାମାନସିଂ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ପ୍ରାଧ୍ୟାପିକା ସ୍ୱପ୍ନିତା ରାଉତ ଛାତ୍ରୀମାନେ ଯେକୌଣସି ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ଦାଶ ଛାତ୍ରୀମାନେ ସ୍ୱାବଲମ୍ବନଶୀଳ ହେବାକୁ ପରାମର୍ଶ ଦେବା ସହ ନାରୀ ଜାତିର ମହନୀୟତା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ସବିତା ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଦୀପ୍ତିମୟୀ ସାହୁ, ବିଜୟିନୀ ଲେଙ୍କା, ରଶ୍ମିତା ଖୁଣ୍ଟିଆ, ସାଗରିକା ଜେନା ଓ ଫକୀରମୋହନ ଲେଙ୍କା ପ୍ରମୁଖ ଶିବିରରେ ସହଯୋଗ କରିଥିଲେ। ୧୨୯ ଛାତ୍ରୀ ପ୍ରଶିକ୍ଷିକା ପିନାକ୍ଷୀ ସ୍ୱାଇଁଙ୍କ ଠାରୁ ତାଲିମ ନେଇଥିଲେ।




ପ୍ରଶିକ୍ଷଣ ଶିବିରରେ ଅତିଥିମାନେ।

# ବୃତ୍ତି ପରୀକ୍ଷାରେ ୪ ଛାତ୍ରୀଙ୍କ କୃତିତ୍ୱ



କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନେ।

ଓଡ଼ାପଡ଼ା,୨୪।୨(ରଞ୍ଜିତ ନାୟକ)

ଶିକ୍ଷାବର୍ଷ ୨୦୨୪–୨୫ ସରକାରୀ ବୃତ୍ତି ପରୀକ୍ଷାରେ ଓଡ଼ାପଡ଼ା ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଧଳପୁରର ୪ ଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି। ସେମାନେ ହେଲେ ତୃତୀୟ ଶ୍ରେଣୀର ସାଇନୀ ବିଶ୍ୱାଳ (୫ମ ସ୍ଥାନ), ସାଇହର୍ଷିତା ସାହୁ (୭ମ ସ୍ଥାନ), ପଞ୍ଚମ ଶ୍ରେଣୀର ଅସ୍ମିତା ତ୍ରିପାଠୀ (୨ୟ ସ୍ଥାନ), ସ୍ୱସ୍ତି ଦାଶ (୭ମ ସ୍ଥାନ)। ଏହି ଛାତ୍ରୀମାନେ ବିଦ୍ୟାଳୟ ପାଇଁ ଗୌରବ ଆଣିଥିବାରୁ ସେମାନଙ୍କୁ ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ ଓ ପରିଚାଳନା ସମିତି ତରଫରୁ ଧନ୍ୟବାଦ ଜଣାଯାଇଛି।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ସାତମାଇଲ,୨୪।୨ (ସୁଶାନ୍ତ ପତି)

ହିନ୍ଦୋଳ ଥାନା ହାତୁରା ପଞ୍ଚାୟତ ବଲସର ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ପୁତ୍ର ରଞ୍ଜନ ବେହେରା(୩୭)ଙ୍କ ଦୁର୍ଘଟଣାରେ ରବିବାର ମୃତ୍ୟୁ ହୋଇଛି। ସେ କୌଣସି କାର୍ଯ୍ୟରେ ବାରସିଙ୍ଗା ଅଞ୍ଚଳରେ ଥିବା ନିଜ ପିଉସୀ ଘରକୁ ଯାଇ ସ୍କୁଟିରେ ଫେରୁଥିବା ବେଳେ ଅପରାହ୍ନରେ ବାଲିମି ଥାନା କୁମୁରୁସିଙ୍ଗା ହାଟ ପାଖରେ ଏକ ଗାଡି ଧକ୍କାରେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ହିନ୍ଦୋଳ ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବାଲିମି ପୋଲିସ ମୃତଦେହ ଜବତ କରିବା ସହ ନଂ. ୩୯/୨୪ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଖୋର୍ଦ୍ଧା ଶରଧାପୁର ଚାମ୍ପିୟନ




ଚାମ୍ପିୟନ ଖୋର୍ଦ୍ଧା ଶରଧାପୁର ଦଳକୁ ପୁରସ୍କୃତ କରାଯାଉଛି।

ଢେଙ୍କାନାଳ,୨୪।୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ାସ୍ଥିତ ରତ୍ନପ୍ରଭା ଦେବୀ ଷ୍ଟାଡିୟମ୍ ଠାରେ ଶାରଳା କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୪ର୍ଥ ନାସିର୍ ଅହମ୍ମଦ ଅଲ୍ଲି ମେମୋରିଆଲ୍ ଫୁଟବଲ୍ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଆଠଗଡ ଖୁଣ୍ଟୁକଟା ଫୁଟ୍‌ବଲ୍ ଟିମ୍ ଓ ଖୋର୍ଦ୍ଧାର ଶରଧାପୁର ଫୁଟ୍‌ବଲ୍ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ପରେ ଟାଇବ୍ରେକର ଜରିଆରେ ୪–୨ ଗୋଲରେ ଖୋର୍ଦ୍ଧା ଶରଧାପୁର ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଡା. ଅବିନାଶ ସାମଲ, ସମ୍ମାନିତ ଅତିଥି ଭାବେ ଓଡାପଡା ଜିଲାପରିଷଦ ସଦସ୍ୟ ବାଳକୃଷ୍ଣ ସାହୁ, ରାଜକିଶୋର ରାଉତ ଓ ଗୁଣ୍ଡିଚାପଡା ଗ୍ରାମ ସଭାପତି ମୀନକେତନ ସାହୁ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫୁଟ୍‌ବଲ୍ ଆସୋସିଏଶନ୍ ସଭାପତି ପୁରୁଷୋତ୍ତମ ରାଉତ ଓ ବାବା ଚନ୍ଦ୍ରଶେଖର ଫୁଟ୍‌ବଲ୍ ଆସୋସିଏଶନ ଉପଦେଷ୍ଟା ଗଙ୍ଗାଧର ରାଉତ ଉପସ୍ଥିତ ଥିଲେ। କ୍ଲବ୍ ସଭାପତି ମଇଉଦ୍ଦିନ୍ ଖାଁ ଓ ସମ୍ପାଦକ ପ୍ରକାଶ କୁମାର ସାହୁ ଖେଳ ପରିଚାଳନା କରିଥିଲେ। ରେଫରି ଭାବେ ଅନିଲ୍ ନନ୍ଦ, ଅମୂଲ୍ୟ ସାମଲ ଓ ମନୋଜ ସେଠ ପରିଚାଳନା କରିଥିଲେ। ସ୍ୱରୂପ କୁମାର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକ କାଶୀନାଥ ମିଶ୍ରଙ୍କ ପରଲୋକ

ଢେଙ୍କାନାଳ,୨୪।୨(ରତନ ନାୟାର)– ଢେଙ୍କାନାଳସହରସ୍ଥିତଗୁଡ଼ିଆନାଳୀଠାରେ ରହୁଥିବା ଅବସରପ୍ରାପ୍ତ ଶିକ୍ଷକ କାଶୀନାଥ ମିଶ୍ର (୮୨)ଙ୍କ ରବିବାର ସକାଳେ ପରଲୋକ ହୋଇଯାଇଛି। ସେ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରୁ



ଅବସରଗ୍ରହଣ କରିଥିଲେ। କାଶୀନାଥ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଥିଲେ। ଶିକ୍ଷାଦାନ ସହିତ ସେ ଗୀତ, ନାଚ ଓ ନାଟ୍ୟ ନିର୍ଦ୍ଦେଶନାରେ ମଧ୍ୟ ପାରଙ୍ଗମ ଥିଲେ। ତାଙ୍କ ପରଲୋକରେ ଶିକ୍ଷକ ମହଲ ଓ ପୁରାତନ ଛାତ୍ର ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ମୃତ୍ୟୁ ଖବର ପାଇବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶିକ୍ଷକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସାଧାରଣ ବୈଠକରେ ବିଭିନ୍ନ କାର୍ଯ୍ୟ ସମୀକ୍ଷା



ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରାମାନେ।

ପରଜଙ୍ଗ,୨୪।୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ପଞ୍ଚାୟତ ସମିତି ସଭାଗୃହଠାରେ ସୋମବାର ସାଧାରଣ ବୈଠକ ବିଡିଓ ସୌଭାଗ୍ୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ଜିଲାପରିଷଦ ସଭ୍ୟ ନିରାକାର ପ୍ରଧାନଙ୍କ ସମେତ ସମସ୍ତ ପଞ୍ଚାୟତର ଲୋକ ପ୍ରତିନିଧି ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକ ବିକଶିତ ଗାଁ ବିକଶିତ ଓଡ଼ିଶା, ଅନ୍ତୋଦୟ ଗୃହ ଯୋଜନା ସହ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା ସହ ବିଭାଗୀୟ ଅଧିକାରୀଙ୍କ ଅସହଯୋଗ ଓ ଦାୟିତ୍ୱହୀନତାକୁ ନେଇ ଆଲୋଚନା ହୋଇଥିଲା। ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ସ୍ଥାନୀୟ ଲୋକପ୍ରତିନିଧି। ଏଥିସହ ପ୍ରତିବର୍ଷ ପ୍ରତି ପଞ୍ଚାୟତକୁ ୨୫ ଲକ୍ଷ ଟଙ୍କା ଅନୁଦାନ ଆସୁଥିବା ବେଳେ ପଞ୍ଚାୟତର ରାସ୍ତା, ଛୋଟ ଛୋଟ ପ୍ରକଳ୍ପଗୁଡ଼ିକରେ ଏହା ଖର୍ଚ୍ଚ କରାଯାଇପାରିବ। କୌଣସି ପୁରୁଣା ଘର ମରାମତି କାର୍ଯ୍ୟରେ ଉକ୍ତ ଟଙ୍କାକୁ ଖର୍ଚ୍ଚ କରାଯାଇପାରିବ ନାହିଁ ବୋଲି ବିଡିଓ ପ୍ରକାଶ କରିଥିଲେ।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଉମରକୋଟ,୨୪ା୨ (ସନ୍ତୋଷ ଶତପଥୀ)

ଉମରକୋଟ ଥାନା ଅର୍ନ୍ତଗତ କଦୋଭଟା ଗ୍ରାମର ଜଣେ ବୃଦ୍ଧ ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ବଦର ଭତ୍ରା (୭୦)। ସୋମବାର ଭୋର ପ୍ରାୟ ୪ ଟାରେ ବଦର ଗ୍ରାମ ନିକଟସ୍ଥ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ତେବେ ତାଙ୍କ ଗୋଡ ଖସିଯିବାରୁ ସେ ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ସୋମବାର ସକାଳ ୬ ଟାରେ ଗ୍ରାମର କେତେଜଣ ଲୋକ ପୋଖରି ନିକଟକୁ ଯାଇଥିବାବେଳେ ବଦରଙ୍କ ମୃତଦେହ ଭାସୁଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏ ସଂକ୍ରାନ୍ତରେ ବଦରଙ୍କ ପୁଅ ଅର୍ଜୁନ ଭତ୍ରା ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ମୃତଦେହ ଉମରକୋଟ ହସ୍ପିଟାଲକୁ ଆଣି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି

- କୋରୁକୋଣ୍ଡା ବ୍ଲକ୍
- ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ

କୋରୁକୋଣ୍ଡା,୨୪ା୨(ଶିବଦତ୍ତ ସାହୁ)


ସ୍ୱତନ୍ତ୍ର ଗ୍ରାମସଭାରେ ଅଧିକାରୀମାନେ ବିଭିନ୍ନ ବିଷୟରେ ଆଲୋଚନା କରୁଛନ୍ତି।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ସଭାଗୃହରେ ସୋମବାର ବ୍ଲକ୍ ଅଧକ୍ଷ ଜିତୁ ବୁରୁଡ଼ିଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନବରଙ୍ଗପୁର ଏମ୍‌ପି ମାଲକାନଗିରି ପ୍ରତିନିଧି ସଞ୍ଜୟ ସରକାର, ମାଲକାନଗିରି ବିଧାୟକ ପ୍ରତିନିଧି କୋରୁକୋଣ୍ଡା ବ୍ଲକ୍‌ର ଉପାଧକ୍ଷା ମାନସୀ ପଡ଼ିୟାମୀ,ବିଡିଓ ଅମୂଲ୍ୟ ସାହୁ, ସହକାରୀ ଯନ୍ତ୍ରୀ ସୁକାନ୍ତ ସ୍ୱାଇଁ, ଜିପିଓ ତନ୍ମୟ ଖିଲ ଏବଂ ସିପି ସତ୍ୟନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କୋରୁକୋଣ୍ଡା ବ୍ଲକ୍ ଅଧୀନରେ ଥିବା ତୁମସାପାଲ୍ଲୀ, ମାରିୱାଡା, ତୁଡାମେଟା, କାମ୍ୱେଡ଼ା, ପୁରୁଣା ଚିମ୍ନିଟାପାଲ୍ଲୀ, ନୀଳାକାମ୍ୱେରୁ, ନାକାମାମୁଡି, ସୋମନାଥପୁର, ତାର୍ଲାକୋଟା, ପୋଟ୍ରେଲ, ଚିତାପାରି –୩ ଏବଂ କୋରୁକୋଣ୍ଡା ଏପରି ୧୨ ପଞ୍ଚାୟତ ଅଞ୍ଚଳର ବିକାଶ ପାଇଁ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଆଗାମୀ ୫ ବର୍ଷରେ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ସମସ୍ତ ପଞ୍ଚାୟତରେ ଗ୍ରାମସଭା ଦ୍ୱାରା ଆଗାମୀ ୫ ବର୍ଷ ପାଇଁ କାର୍ଯ୍ୟଖସଡା ପ୍ରସ୍ତୁତ ହୋଇଥିଲା। ସମସ୍ତ ପଞ୍ଚାୟତ କର୍ତ୍ତୃପକ୍ଷ ଓ ଜନପ୍ରତିନିଧିଙ୍କୁ ଅବଗତ କରାଇବା ନିମନ୍ତେ ପଞ୍ଚାୟତରେ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକର ତାଲିକା ପାଠ କରାଯାଇଥିଲା। ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କ କହିବାନୁସାରେ ପ୍ରସ୍ତୁତ ହୋଇଥିବା ଆକ୍ସନ୍ ପ୍ଲାନ୍‌ଗୁଡିକ ମଧରୁ ଅଳ୍ପ କିଛି କାମକୁ ପରିବର୍ତ୍ତନ କରାଯାଇଛି। ଏହି ଆକ୍ସନପ୍ଲାନ ଉପରେ ସବୁ ପଞ୍ଚାୟତର ଜନ ପ୍ରତିନିଧି ଓ ପଞ୍ଚାୟତ କର୍ତ୍ତୃପକ୍ଷ ସହମତି ପ୍ରକାଶ କରିଥିଲେ। ଏଗୁଡିକୁ ଅନୁମୋଦନ ନିମନ୍ତେ ଜିଲା ପ୍ରଶାସନ ପାଖକୁ ପଠାଯିବ ବୋଲି ବ୍ଲକ୍ ପ୍ରଶାସନ ପକ୍ଷରୁ କୁହାଯାଇଛି। ବୈଠକରେ ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# ଜଳକଷ୍ଟ ଭୋଗୁଛନ୍ତି ମାଲାବରମ ବାସିନ୍ଦା

**ଫେଲ୍ ମାରିଛି ବସୁଧା ଯୋଜନା**

ଏମ୍‌ଭି ୭୯, ୨୪ା୨(ଭିକି ବାରିକ)


ବସୁଧା ଯୋଜନାରେ ତିଆରି ହୋଇଥିବା ପାଣିଟାଙ୍କି ।

ଖରାଦିନ ଆରମ୍ଭ ହେଉଣୁ ମାଲକାନଗିରି ଜିଲାର ବିଭିନ୍ନ ଗ୍ରାମରେ ଦେଖାଦେଇଛି ଜଳକଷ୍ଟ। ଏଭଳି ଦେଖିବାକୁ ମିଳିଛି କାଲିମେଲା ବ୍ଲକ୍ ମାଲାବରମ ପଞ୍ଚାୟତ ମାଲାବରମ ଗ୍ରାମରେ। ବସୁଧା ଜଳ ପ୍ରକଳ୍ପ ଦିଗହରା ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ୩ବର୍ଷ ହେଲା ଗାଁରେ ଅଚଳ ହୋଇ ପଡିଛି ବସୁଧା ଯୋଜନା। ଗ୍ରାମରେ ପ୍ରାୟ ୨୦୦ ପରିବାର ବାସ କରୁଥିବା ବେଳେ ମାତ୍ର ୧୦ରୁ ୧୫ ଘରକୁ ଯାଉଛି ଏହି ପାଣି। ଦୀର୍ଘ ବର୍ଷ ଧରି ଜଳ ସଙ୍କଟ ଲାଗି ରହିଥିବାରୁ ଗ୍ରାମରେ ବାସ କରୁଥିବା ପ୍ରାୟ ୨୦୦ ପରିବାରଙ୍କ ସମେତ ଗୋରୁ ଓ ଅନ୍ୟ ଗୃହପାଳିତ ପ୍ରାଣୀ ଜଳ ମୁନ୍ଦାଏ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁଯାୟୀ, ବିଶୁଦ୍ଧ ପାଣି ଯୋଗାଇବା ପାଇଁ ବସୁଧା ଯୋଜନାରେ ଏକ ପାଣିଟାଙ୍କି ସ୍ଥାପନ କରାଯାଇଥିଲା। ପ୍ରକଳ୍ପଟି କିଛି ମାସ ଚାଲିବା ପରେ ନିମ୍ନମାନର କାମ ହୋଇଥିବାରୁ ପାଇପ୍‌ଗୁଡିକ ଫାଟିଯାଇଛି। ପ୍ରଶାସନ ଏହାକୁ ସଜାଡ଼ିଥିଲେ ମଧ୍ୟ ତାହା ହୋଇନାହିଁ। ଏ ସମ୍ପର୍କରେ କାଲିମେଲା ବ୍ଲକ ସହକାରୀ ଯନ୍ତ୍ରୀ ସୁକୁମାର ପ୍ରଧାନଙ୍କୁ ପଚାରିବାରୁ ଏ ବିଷୟରେ ମୁଁ ଜାଣି ନାହିଁ। ଯଦି ପାଇପ୍ ଫାଟିଥିବ ତେବେ ତୁରନ୍ତ ମରାମତି କରାଯିବ ବୋଲି ସେ କହିଛନ୍ତି।

# ଗୁଡାରିରେ ନୂଆ ବିଡିଓଙ୍କ ଯୋଗଦାନ

ଗୁଡାରି,୨୪ା୨ (ପ୍ରମୋଦ କୁମାର ପତି)

ଗୁଡାରି ବ୍ଲକରେ ସୋମବାର ନୂତନ ବିଡ଼ିଓ ସୁଚିସ୍ମିତା ବେହେରା ଦାୟିତ୍ୱ ନେଇଛନ୍ତି। ଗୁଡାରି ବିଡିଓଙ୍କ ବଦଳି ପରେ ଗତ ଡିସେମ୍ବର ୧୫ରୁ ରାମନାଗୁଡ଼ା ବିଡ଼ିଓ ପ୍ରଦ୍ୟୁମ୍ନ ମଣ୍ଡଳ ଗୁଡାରି ବିଡ଼ିଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ସୋମବାର ଅନୁଷ୍ଠାନିକ ଭାବେ ନୂତନ ବିଡ଼ିଓ ବେହେରା ରାମନାଗୁଡ଼ା ବିଡ଼ିଓ ମଣ୍ଡଳଙ୍କଠାରୁ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ନୂତନ ବିଡ଼ିଓଙ୍କୁ କାର୍ଯ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। କର୍ମଚାରୀ ଓ ବ୍ଲକ ବାସିନ୍ଦାଙ୍କ ସହଯୋଗରେ ବ୍ଲକର ସମସ୍ତ ପ୍ରକାର ଉନ୍ନୟନମୂଳ କାର୍ଯ୍ୟ କରାଯିବା ନେଇ ସେ ଆଶାବାଦୀ ଥିବା କହିଛନ୍ତି। ସ୍ଥାନୀୟ ପ୍ରେସ୍ ୟୁନିଅନ ସଦସ୍ୟମାନେ ବ୍ଲକ୍ ଅଫିସ ଯାଇ ନୂତନ ବିଡ଼ିଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।


ପ୍ରେସ ୟୁନିଅନର ସଦସ୍ୟମାନେ ନୂତନ ବିଡ଼ିଓଙ୍କୁ ସ୍ୱାଗତ କରୁଛନ୍ତି।

# ମାଥିଲି ବ୍ଲକ୍: ଧାନମଣ୍ଡିରେ ଅବ୍ୟବସ୍ଥା


ଧାନମଣ୍ଡିରେ ସାମାଜିକ କର୍ମୀ ସଦାଶିବ ପୂଜାରୀ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

**ଅସନ୍ତୋଷ ବ୍ୟକ୍ତକଲେ ସାମାଜିକ କର୍ମୀ**

ମାଥିଲି,୨୪ା୨(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଥିଲି ବ୍ଲକ୍‌ର ବିଭିନ୍ନ ଧାନ ମଣ୍ଡିକୁ ସାମାଜିକ କର୍ମୀ ସଦାଶିବ ପୂଜାରୀ ଯାଇ ଚାଷୀମାନଙ୍କ ସମସ୍ୟା ଦେଖିଥିଲେ। ୧ ମାସରୁ ଅଧିକ ସମୟ ଧରି ଧାନ ଉଠାଯାଉ ନାହିଁ। ଟୋକନ ଥିଲେ ବି ଧାନ ଉଠୁନାହିଁ। ଅନେକ ଜାଗାରେ ଧାନ ଚୋରି ଘଟଣା ମଧ୍ୟ ଦେଖିବାକୁ ମିଳିଛି, ଅବ୍ୟବସ୍ଥା ଦିନକୁ ଦିନ ବଢୁଛି। ଏହାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ପୂଜାରୀ ପ୍ରଶାସନ ସହ ଫୋନ୍ ଯୋଗେ ଆଲୋଚନା କରିଥିଲେ। ମଣ୍ଡିରୁ ଧାନ କିପରି ଶୀଘ୍ର ଉଠାହେବ ସେଥିପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ କରିବାକୁ କହିଥିଲେ। ଆଗାମୀ ଦିନରେ ଚାଷୀମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ କହିଥିଲେ। ଚାଷୀମାନଙ୍କ ଅଧିକାର ପାଇଁ ଆମେ ଏଭଳି ନ୍ୟାୟ ଆନ୍ଦୋଳନ ଜାରି ରଖିବୁ ଏହି ସମସ୍ୟା ଶୀଘ୍ର ସମାଧାନ ହେବା ଉଚିତ । ଏହା ନ ହେଲେ ଚାଷୀମାନେ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ପୂଜାରୀ କହିଛନ୍ତି ।

# ଦିନକ ପରେ ମହାଶିବରାତ୍ରି

କୋରୁକୋଣ୍ଡା,୨୪ା୨(ଶିବଦତ୍ତ ସାହୁ)

**ଦୀପ,ପୂଜା ସାମଗ୍ରୀ ପ୍ରସ୍ତୁତିରେ କୁମ୍ଭକାର ପରିବାର**

ଆସନ୍ତା ୨୬ରେ ମହାଶିବରାତ୍ରି (ଜାଗର)। ଏହି ଉପଲକ୍ଷେ ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକ୍ ଅଞ୍ଚଳରେ ଥିବା ସମସ୍ତ ଶୈବପୀଠରେ ଭକ୍ତମାନେ ନିଜ ନିଜର ମନସ୍କାମନା ପୂର୍ଣ୍ଣ ଲକ୍ଷ୍ୟରେ ମହାଦେବ ଏବଂ ମାତା ପାର୍ବତୀଙ୍କୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିବା ସହ ଦୀପ ପ୍ରଜ୍ୱଳନକରି ରାତିସାରା ଉଜାଗର ରହିବେ। ଏହାକୁ ଦୃଷ୍ଟିରେ ରଖି କୋରୁକୋଣ୍ଡା ବ୍ଲକ୍ ସଦାଶିବପୁର, କେନ୍ଦୁଗୁଡ଼ା, କୁମ୍ଭାରଗୁଡ଼ା ଓ ସୋମନାଥପୁର ସମେତ ବିଭିନ୍ନ ଅଞ୍ଚଳରେ ଥିବା କୁମ୍ଭକାର ପୁରୁଷ ଓ ମହିଳାମାନେ ଦୀପ ଓ ବିଭିନ୍ନ ପ୍ରକାର ମାଟିର ପୂଜା ସାମଗ୍ରୀ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଛି। ଏହି ପୂଜା ପାଳନ ନିମନ୍ତେ ମାଟିଦୀପ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀଗୁଡିକର ଚାହିଦା ରହିଛି। ପ୍ରସ୍ତୁତ ହୋଇଥିବା ଦୀପ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀଗୁଡ଼ିକୁ ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ହାଟ ଓ ବଜାରରେ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି।


ମାଟି ସାମଗ୍ରୀ ପ୍ରସ୍ତୁତିରେ ବ୍ୟସ୍ତ କୁମ୍ଭକାର ।

# ନୂତନ ପେନ୍‌ସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ବୈଠକ

ଡାବୁଗାଁ,୨୪ା୨ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଲ୍ୟାମ୍ପ୍ସ ଗୋଦାମଠାରେ ବ୍ଲକ ନୂତନ ପେନସନ ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଡାବୁଗାଁ ବ୍ଲକରେ କାର୍ଯ୍ୟରତ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଶେଷରେ ସଂଘ କମିଟିର କାର୍ଯ୍ୟକର୍ତ୍ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ କମିଟିକୁ ଭଙ୍ଗ କରାଯାଇ ବ୍ଲକ ସଂଘର ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ମୋହନ ସିଂ ଗଣ୍ଡ, କାର୍ଯ୍ୟକାରୀ ସଭାପତି ମଙ୍ଗରାଜ ମାଝି, ଉପ ସଭାପତି ଗିରିଶବାଳା ଜେନା, ସମ୍ପାଦକ ହିରଣ୍ୟ ମାଝି, ସହ ସମ୍ପାଦକ ରାଜୁ ହରିଜନ, କୋଷାଧକ୍ଷ ଅଜିତ ଷଡଙ୍ଗୀ, ମିଡିଆ ସଂଯୋଜକ ଗୁପ୍ତେପ୍ରସାଦ ନାଗ, ଉପଦେଷ୍ଟା ବିକାଶ ରଞ୍ଜନ ନିଶଙ୍କ, ରାଇସିଂ ପୂଜାରୀ, ସୁରେଶ ଚନ୍ଦ୍ର ବେହେରା, ସୌଭାଗ୍ୟ ବିଶାଳ ଓ ଅନିତା ବେହେରା, ପଞ୍ଚାୟତ ପ୍ରତିନିଧି ବିଦ୍ୟାଧର ମାଝି, କାଳିଚରଣ ସାହୁ, ଯୋଗେନ୍ଦ୍ର ନାୟକ, ତାପସ କୁମାର ରାଉତ, ରବୀନ୍ଦ୍ର କୁମାର ଚାଲାଣ, ଦେବେନ୍ଦ୍ର ରାଉତ ଓ ନିଲାମ ମାଝିଙ୍କୁ ମନୋନୀତ କରାଯାଇଥିଲା। ସମସ୍ତ ମନୋନୀତ କର୍ମକର୍ତ୍ତାମାନେ ମିଳିତ ଭାବେ ଶପଥ ପାଠ କରିଥିଲେ । ଏଥିରେ ୪୬ ଜଣ କନିଷ୍ଠ ଶିକ୍ଷକମାନେ ନିୟମିତ ହେବାରୁ ସେମାନଙ୍କୁ ଡାବୁଗାଁ ଓଡିଶା ପ୍ରାଥମିକ ଶିକ୍ଷକ (ନୂତନ ପେନ୍‌ସନ ଯୋଜନା ଭୁକ୍ତ) ସଂଘରେ ସ୍ୱାଗତ ଜଣାଇ ସଂଘରେ ମିଶ୍ରଣ କରାଯାଇଥିଲା। ବୈଠକରେ ପ୍ରାୟ ୧୮୦ ଜଣ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।


ସଂଘର ନୂତନ କର୍ମକର୍ତ୍ତାମାନେ ଶପଥ ପାଠ କରୁଛନ୍ତି।

# ଜଳଯୋଗାଣ ଉପରେ ଗୁରୁତ୍ୱ

ନବରଙ୍ଗପୁର, ୨୪ା୨ (ସଦାଶିବ ପ୍ରହରାଜ)



ନବରଙ୍ଗପୁର ପଞ୍ଚାୟତ ସମିତି ବୈଠକରେ ବିଧାୟକଙ୍କ ସହ ଅନ୍ୟମାନେ ।

ନବରଙ୍ଗପୁର ପଞ୍ଚାୟତ ସମିତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଶରତ ଚନ୍ଦ୍ର ଭତ୍ରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଉପାଧକ୍ଷା ନନ୍ଦିନୀ ସମରଥ ମଞ୍ଚାସୀନ ଥିବା ବେଳେ ବିଡିଓ ଡ.ସୁନିଲ କୁମାର ଖରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକଶିତ ଗାଁ, ବିକଶିତ ଓଡିଶା ଯୋଜନା ସଂକ୍ରାନ୍ତରେ ଆଲୋଚନା କରିବା ସହ ଏହି ଯୋଜନାରେ ବ୍ଲକକୁ ୩ କୋଟି ୪ ଲକ୍ଷ ଟଙ୍କା ଆସିଥିବା ବେଳେ ଏଥିପାଇଁ ପଞ୍ଚାୟତସ୍ତରରୁ ଗ୍ରାମ ସଭା ମାଧମରେ ପ୍ରକଳ୍ପ ଚୟନ ହୋଇ ବ୍ଲକକୁ ଆସିଛି। ଏହି ପ୍ରକଳ୍ପଗୁଡିକୁ ସମିତି ବୈଠକରେ ଅନୁମୋଦନ କରାଯାଇଥିଲା। ଖରାଦିନକୁ ଦୃଷ୍ଟିରେ ରଖି ଅଚଳ ନଳକୂପଗୁଡିକୁ ମରାମତି ଓ ପାନୀୟ ଜଳପ୍ରକଳ୍ପ ଯୁଦ୍ଧ କାଳୀନ ଭିତ୍ତିରେ ମରାମତି କରାଯାଇ ପାନୀୟ ଜଳ ଯୋଗାଣ ପାଇଁ ନିଷ୍ପତି ନିଆଯାଇଥିଲା ।

ବିଡିଓ ଖରା ନୂତନ ନଳକୂପ ଖନନ ପାଇଁ ଯେଉଁଠି ଆବଶ୍ୟକ ରହିଛି ସେ ନେଇ ରିପୋର୍ଟ ପ୍ରଦାନ କରିବା ପାଇଁ କହିଥିଲେ। ଅନ୍ତ୍ୟୋଦୟ ଗୃହ ଯୋଜନାର ନିୟମାବଳି ସଂକ୍ରାନ୍ତରେ କହିବା ସହ ହିତାଧିକାରୀ ଚୟନ ନେଇ ଆଲୋଚନା କରାଯାଇଥିଲା। ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇଁ ରାଜସ୍ୱ ବିଭାଗ ଅବହେଳା କରୁଥିବାରୁ ଲୋକେ ହଇରାଣ ହୋଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏ ନେଇ କେତେକ ନିର୍ବାଚିତ ପ୍ରତିନିଧି ପ୍ରତିବାଦ କରିବା ସହ ଏହା ଉପରେ ପଦକ୍ଷେପ ନେବା ପାଇଁ କହିଥିଲେ। ବସୁନ୍ଧରା ଯୋଜନାରେ ଘରବାରି ପଟ୍ଟା ତୁରନ୍ତ ପ୍ରଦାନ କରିବା ପାଇଁ ରାଜସ୍ୱ ବିଭାଗକୁ କୁହାଯାଇଥିଲା। ଲକ୍ଷ୍ମୀ ବସ୍ ସେବା ଭାଟିଗାଁ ପର୍ଯ୍ୟନ୍ତ ରହିଥିଲେ ମଧ୍ୟ ୪ କି.ମି.ଦୂର କୁସୁମଗୁଡା ନିକଟରେ ବସ୍ ରହିଯାଉଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବା ପାଇଁ ସରପଞ୍ଚ କମଳେଶ୍ୱରୀ ନାୟକ କହିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଖାଦ୍ୟ ସୁରକ୍ଷା ଓ ଏମ୍‌ଜିଏନ୍‌ଆରଇଜିଏସ୍ ଉପରେ ବୈଠକରେ ଆଲୋଚନା ହୋଇଥିଲା। ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଆଲୋଚନାରେ ଭାଗ ନେଇଥିଲେ।

# ଦୁଇ ବାଇକ୍ ମୁହାଁମୁହିଁ, ୨ ଗୁରୁତର

ଉମରକୋଟ,୨୪ା୨ (ସନ୍ତୋଷ ଶତପଥୀ)

ଉମରକୋଟ ଥାନା ଅନ୍ତର୍ଗତ ବଡବାସିନୀ ଗ୍ରାମ ନିକଟସ୍ଥ ତାରାଗୁଡା ଆଦିବାସୀ ଗ୍ରାମଠାରେ ୨ ବାଇକ ମୁହାଁମୁହିଁ ହେବା ଫଳରେ ୨ ଜଣ ଗୁରୁତର ଆହତ ହେଇଛନ୍ତି। ବଡ଼ ବାସିନୀ ଗ୍ରାମର ନାମୁ ଗଣ୍ଡ (୫୫) ଓ କୁମର ଭତ୍ରା (୪୨) ସୋମବାର ମଧାହ୍ନ ପ୍ରାୟ ୧ଟାରେ ଏକ ବାଇକ ଯୋଗେ କୋପେନା ଗ୍ରାମରୁ ବଡ ବାସିନୀ ଗ୍ରାମକୁ ଫେରୁଥିଲେ। ତେବେ ଡାବୁଗାଁ ଥାନା ଅନ୍ତର୍ଗତ ଚାଟିଗୁଡା ଗ୍ରାମର ରାଜୁ ପନକା ଅନ୍ୟ ଏକ ବାଇକ୍‌ରେ ଆସୁଥିବାବେଳେ ତାରାଗୁଡା ଗ୍ରାମଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ନାମୁଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିବା ବେଳେ କୁମରଙ୍କ ଛାତିରେ ଜୋରରେ ମାଡ ବାଜିଛି। ୨ ଗୁରୁତର ଏବେ ଉମରକୋଟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଉମରକୋଟ ଥାନାରେ ୬୪/୨୫ରେ ମାମଲା ରୁଜୁ କରାଯାଇଛି।

# ଯୁବପିଢ଼ିଙ୍କ ପାଇଁ ପ୍ରେରଣା ସାଜିଛନ୍ତି ଚିତ୍ରଶିଳ୍ପୀ ଗୁରୁବାରୁ

ଉମରକୋଟ,୨୪ା୨ (ସନ୍ତୋଷ ଶତପଥୀ)


ଚିତ୍ର ଆଙ୍କିବାରେ ନିମଗ୍ନ ଶିଳ୍ପୀ ଗୁରୁବାରୁ।

ବିଭିନ୍ନ ନିଖୁଣ ଚିତ୍ର ଆଙ୍କି ସେଥିରେ ଜୀବନ୍ତ ଦୃଶ୍ୟମାନ କରିପାରୁଥିବା ଚିତ୍ରଶିଳ୍ପୀ ଗୁରୁବାରୁ ଗଣ୍ଡ । ସେ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଏ ଭଳି ଜଣେ ଯୁବ ଚିତ୍ରଶିଳ୍ପୀ ହେଲେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଚିକଲାପଦର ପଞ୍ଚାୟତରେ ରହୁଥିବା କମଳଲୋଚନ ଗଣ୍ଡ ଓ ବୁଦ୍ରୀ ଗଣ୍ଡଙ୍କ ପୁଅ ଗୁରୁବାରୁ (୨୨)। ପରିବାର କହିଲେ ଦୁଇ ଭଉଣୀରେ ଜଣେ ଭାଇ। ଆଶା ଥିଲା ଭଲପାଠ ପଢ଼ି ଚାକିରିକରି ପରିବାର ପ୍ରତିପୋଷଣ କରିବା। କିନ୍ତୁ ଅର୍ଥ ସାଜିଲା ବାଧକ, ୭ ବର୍ଷ ତଳେ ଦଶମ ଶ୍ରେଣୀ ପାସ୍ କରିବା ପରେ ପରିବାରରେ ଆର୍ଥିକ ଅବସ୍ଥା ଶୋଚନୀୟ ହେବାରୁ ପାଠପଢ଼ା ଛାଡ଼ିଦେଇଥିଲେ। ଗୁରୁବାରୁ ପିଲାବେଳେ ସାଙ୍ଗସାଥୀମାନେ ପେଣ୍ଟିଂ କରିବା ବେଳେ ସେ ଦେଖୁଥିଲେ। ଯେତେବେଳେ ପରିବାର ବୋଝ ବା ଦାୟିତ୍ୱ ନେବା ସମୟ ଆସିଲା ସେତେବେଳେ ସେ ନିଜେ ନିଜ ଇଚ୍ଛାଶକ୍ତି ବଳରେ ରଙ୍ଗ ତୂଳୀରେ ବିଭିନ୍ନ ଚିତ୍ରକରି ରୋଜଗାରର ପନ୍ଥା ଭାବେ ବାଛିନେଲେ। ବର୍ତ୍ତମାନ ଅନେକ ଲୋକଙ୍କ ବାହାଘର, ବିଦ୍ୟାଳୟଗୁଡିକରେ ଚିତ୍ର, ଘରଗୁଡିକରେ ବିଭିନ୍ନ ଦେବଦେବୀ, ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନିଖୁଣ ଭାବେ ଚିତ୍ରକରି ଜୀବନ୍ତ ରୂପଦେଇ ପାରୁଛନ୍ତି ଗୁରୁବାରୁ। ସେହି ପେଣ୍ଟିଂ ତୂଳୀ ଏବେ ଗୁରୁବାରୁଙ୍କୁ ଦେଇଛି ନୂଆ ପରିଚୟ ବୋଲି ସେ କହିଛନ୍ତି। ତାଙ୍କ କଳାକୃତି ଦେଖିବାକୁ ବେଶ୍ ଆକର୍ଷିତ। ହଜିଯାଉଥିବା ଗ୍ରାମୀଣ ଦୃଶ୍ୟକୁ ଅତି ନିଖୁଣ ଭାବେ ଚିତ୍ର ରୂପ ଦେଇପାରୁଛନ୍ତି ; ଯାହାକୁ ଦେଖିଲେ ବେଶ୍ ଖୁସି ଲାଗୁଛି। ଏହି ଚିତ୍ରଶିଳ୍ପୀ କାମକରି ଯାହାବି ରୋଜଗାର ହେଉଛି ତାହା ସମୁଦ୍ରକୁ ଶଙ୍ଖେ। ତଥାପି ମୋ ଚଲାପଥରେ ମୁଁ କେବେ ହାର ମାନିନାହିଁ, ଅନ୍ୟ କିଛି କାମ କରିବା ବଦଳରେ ଏହି କାମ ଉପାର୍ଜନର ପନ୍ଥା ଭାବେ ବାଛି ନେଇଛି । ଏହି ମାଧମରେ ହାରାହାରି ମାସିକ ୮ ରୁ ୧୦ ହଜାର ରୋଜଗାରକରି ପରିବାରର ଆଶାବାଡ଼ି ସାଜିଛି ବୋଲି କହିଛନ୍ତି। ଅନ୍ୟପଟେ ପ୍ରଶାସନ ବା ରାଜ୍ୟ ସରକାର ଯଦି କିଛି ସହାୟତା ଯୋଗାଇ ଦିଅନ୍ତି ତା'ହେଲେ ଉପକୃତ ହୋଇପାରିବେ ବୋଲି ଗୁରୁବାରୁ କହିଛନ୍ତି ।

# ସ୍ୱାସ୍ଥ୍ୟ, ଶିକ୍ଷା, ସମାଜ କଲ୍ୟାଣ ଉପରେ ଗୁରୁତ୍ୱ

**ଡାବୁଗାଁ ପଞ୍ଚାୟତ ସମିତି ବୈଠକ**

ଡାବୁଗାଁ,୨୪ା୨(ପ୍ରଜ୍ଞାରଞ୍ଜନ ପରିଡ଼ା)



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷଠାରେ ପଞ୍ଚାୟତ ସମିତିର ସାଧାରଣ ବୈଠକ ବ୍ଲକ୍ ଅଧକ୍ଷା ବୀଣା ମାଝିଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା, ମତ୍ସ୍ୟ, ପ୍ରାଣୀ ସମ୍ପଦ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ଉଦ୍ୟାନ, ଖାଉଟି କଲ୍ୟାଣ, ମଙ୍ଗଳ ବିଭାଗ, ବିଦ୍ୟୁତ୍, ଜଳ ଓ ପରିମଳ, ବନ ବିଭାଗ, ମୃତ୍ତିକା ସଂରକ୍ଷଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଉନ୍ନୟନ ଓ ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନା ଉପରେ ଆଲୋଚନା ହୋଇଥିଲା। ଏଥିସହ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା କାର୍ଯ୍ୟ ଖସଡ଼ା ଏବଂ ପ୍ରକଳ୍ପ ତାଲିକା ପ୍ରସ୍ତୁତ କରିବା ଉପରେ ଆଲୋଚନା ହୋଇଥିଲା। ଜଙ୍ଗଲ ବିଭାଗ ତରଫରୁ ଡାବୁଗାଁ ଗ୍ରାମ ନିକଟ ଜଙ୍ଗଲ ପାଖରେ ଆଡ଼ିବନ୍ଧ ନିର୍ମାଣ କରାଗଲେ ଗୋରୁ ପାଣି ପିଇବା ପାଇଁ ସୁବିଧା ହେବ ବୋଲି ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି ଓ ଡାବୁଗାଁ ସରପଞ୍ଚ ପ୍ରସ୍ତାବ ଦେଇଥିଲେ। ଏହାସହ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗରେ ଚାଲିଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ବୈଠକରେ ଅତିଥି ଭାବେ ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା, ବ୍ଲକ୍ ଉପାଧକ୍ଷ ସଦାନନ୍ଦ ନାୟକ, ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ବିଡିଓ ଶରତ ମାଝି, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲା, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଏଲ୍. ଲୋକନାଥ ରେଡ୍ଡୀ, ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଉମାକାନ୍ତ ପଟ୍ଟନାୟକ, ସହକାରୀ ଉଦ୍ୟାନ ଅଧିକାରୀ ରବିଶଙ୍କର ପଣ୍ଡା, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ପବିତ୍ର କୁମାର ସାହୁ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଭଗବାନ ମାଝି, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପୁଷ୍ପାରାଣୀ ସାମଲ, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସଙ୍ଗୀତା ସାମଲ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ରାଉତ, କନିଷ୍ଠ ଯନ୍ତ୍ରୀ ଦିଲୀପ ଦୀପକ ମିଶ୍ର, ଜଳ ଓ ପରିମଳ କନିଷ୍ଠ ଯନ୍ତ୍ରୀ ରୋହିତ କିଷାନ, ଅଙ୍ଗନୱାଡି ସୁପରଭାଇଜର ରୋଜାଲିନ ପ୍ରଧାନ ଓ ବିମଳା କୁମାରୀ ନାୟକ ଓ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ବାଇକ୍ ଚୋରି ଅଭିଯୋଗରେ ଜଣେ ଗିରଫ

ଜୟପୁର,୨୪।୨(ପବନ ପାଣିଗ୍ରାହୀ)

ବାଇକ ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଧନପୁର ଅଞ୍ଚଳର ସେମସେନ ହରିଜନ(୧୯)। ତାଙ୍କ ସହ ଜଡ଼ିତ ଜଣେ ନାବାଳକଙ୍କୁ ପୋଲିସ ଜୁଭେଲାଇନ୍ ଜଷ୍ଟିସ୍ ବୋର୍ଡଙ୍କ ନିକଟରେ ହାଜର କରିଛି। ଏ ନେଇ ବଡବେଢା ଗ୍ରାମର ପଦନ ମାଝୀ ରବିବାର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଫେବୃଆରୀ ୨ରେ ରେଡ କଲର ବାଇକ୍ ବଡକାଉଡି ଗ୍ରାମରେ ଗଙ୍ଗାଧର ପାଙ୍ଗିଙ୍କ ଭୋଜିରେ ରଖିଥିଲେ। ଭୋଜି ସାରି ଆସିବା ବେଳେ ବାଇକ ଚୋରି ହୋଇଯାଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବାଇକ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

### ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର



ଜୟପୁର,୨୪।୨(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ଜାମୁଣ୍ଡାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ୍ ନିଶା, ସହକାରୀ ଯନ୍ତ୍ରୀ ରଞ୍ଜିତା ରାଣୀ ପଣ୍ଡା, ଏପିଓ ସନ୍ତୋଷି ମହାପାତ୍ର, ବ୍ଲକସ୍ତରୀୟ ଅଧିକାରୀ ଓ ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ରାସ୍ତା ନିର୍ମାଣ, ଡ୍ରେନ, ପାନୀୟ ଜଳ ଯୋଗାଣ ଆଦି ସମସ୍ୟା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇବା ନେଇ ଅଧିକାରୀ ସଚେତନ କରିଥିଲେ। ରାବଣାଗୁଡା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା।

### ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୨୪।୨(ପବନ ପାଣିଗ୍ରାହୀ)

ଜୟପୁର ଟାଉନ ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ଅଭିଯୁକ୍ତ ହେଲେ ଜୟପୁର ଏନ୍‌କେଟି ରୋଡର ଏମ୍.କାମେଶ୍ୱର। ସୂଚନା ଅନୁଯାୟୀ କାମେଶ୍ୱରଙ୍କ ନାମରେ ଟାଉନ ଥାନାରେ ୨୦୨୦ରୁ ଅପରାଧିକ ମାମଲା ରହିଥିବା ବେଳେ ସେ ଫେରାର ଥିଲେ। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଟାଉନ ଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

### ପୋଖରୀରେ ବୁଡି ୨ ନାବାଳକଙ୍କ ମୃତ୍ୟୁ ଘଟଣା

### ରେଡକ୍ରସ୍ ପକ୍ଷରୁ ସହାୟତା ପ୍ରଦାନ

କୋରାପୁଟ,୨୪।୨(ଅମିତାଭ ବେହେରା)

ଲମତାପୁଟ ବ୍ଲକ୍ ତୁଷୁବା ପଞ୍ଚାୟତର ଆଉଡିଗୁଡା ଗ୍ରାମର ୨ ନାବାଳକ ସୂର୍ଯ୍ୟ ବଡ଼ନାୟକ ଓ ଶିବ ସୁନ୍ଦର ସୀସାଙ୍କ ପୋଖରୀରେ ବୁଡି ରବିବାର ମୃତ୍ୟୁ ହୋଇଥିଲା। ମୃତଦେହକୁ ସୋମବାର ବ୍ୟବଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ମାଛକୁଣ୍ଡ ତାସିଲଦାର ଦିବାକର ବାଘ ୨ ପରିବାରକୁ ଜିଲା ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ସହ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହି ସମୟରେ ସ୍ଥାନୀୟ ସରପଞ୍ଚ ଭୀମସେନ ସୀସା ଉପସ୍ଥିତ ଥିଲେ।

# ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

- ବଡସୁକୁରେ ପାଣି ସମସ୍ୟା
- ଭୁଲ ତଥ୍ୟ ଦେଇଥିଲା ବିଭାଗ

କୋରାପୁଟ, ୨୪।୨ (ଅମିତାଭ ବେହେରା)



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

କୋରାପୁଟ ବ୍ଲକ ବଡ଼ସୁକୁରେ ପାନୀୟଜଳ ସମସ୍ୟା ନେଇ ସୋମବାର ଗ୍ରାମବାସୀ ପୁଣି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକଳ୍ପ ଚାଲୁ ରହିଥିବା ନେଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଭୁଲ ତଥ୍ୟ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ବଡ଼ସୁକୁଠାରେ ଜିଲା ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ବସୁଧା ଯୋଜନାରେ ୭, ୮ ବର୍ଷ ତଳେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ଏକ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ନିର୍ମାଣଠାରୁ ଗ୍ରାମକୁ ପାଣି ମୁନ୍ଦେ ନ ଆସିବାରୁ ଗ୍ରାମବାସୀ ବାରମ୍ବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏମିତିକି ଅନେକ ଜିଲାପାଳ ବଦଳିଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଇ ନ ଥିଲେ। ଫଳରେ ଗ୍ରାମବାସୀ ପୁନର୍ବାର ଜିଲାପାଳ ଭି କୀର୍ତ୍ତିଭାସନଙ୍କୁ ଭେଟି ଅଭିଯୋଗ କରିଥିଲେ। ଉକ୍ତ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତିରାଜ ମନ୍ତ୍ରୀଙ୍କ କୋରାପୁଟ ଜିଲା ଗସ୍ତ ସମୟରେ ଏହି ଅଭିଯୋଗ କରାଯାଇଥିଲା। ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବା ବିଭାଗ ପକ୍ଷରୁ କୁହାଯିବା ପରେ ଜିଲାପାଳ ଏ ନେଇ ମନ୍ତ୍ରୀଙ୍କୁ ଜଣାଇଥିଲେ। କିନ୍ତୁ ବର୍ତ୍ତମାନ ଗ୍ରାମରେ ପାଣି ନ ମିଳିବାରୁ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ପାଖକୁ ଆସିଥିଲେ। ଜିଲାପାଳ ନ ଥିବାରୁ ଉପଜିଲାପାଳ ପ୍ରେମ ଲାଲ ହିଆଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ପରବ ସମୟରେ କୋରାପୁଟ ଆସିଥିବା ପଞ୍ଚାୟତିରାଜ ମନ୍ତ୍ରୀ ଏବଂ ଜିଲାପାଳଙ୍କୁ ବିଭାଗ ପକ୍ଷରୁ ଭୁଲ ତଥ୍ୟ ଦିଆଯାଇଥିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବା ସହ ଉକ୍ତ ଅଞ୍ଚଳରେ ମୋବାଇଲ ଟାୱାର ପ୍ରତିଷ୍ଠା ପାଇଁ ମଧ୍ୟ ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସମିତ ସଭ୍ୟ ଭଗବାନ ସୁକିଆଙ୍କ ସହ ହରି ବଡ଼ନାୟକ, ସନା ଭୂମିଆ, ବୁଦୁ କାରଙ୍ଗିଆ, ଡମ୍ବରୁ ଜାନି, ସୋମନାଥ ବଡ଼ନାୟକ, ବିନୋଦ ବଡ଼ ନାୟକ, କୁମ ଜାନି ଓ ଦେଶୀ ବଡ଼ନାୟକଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଆରଡବ୍ଲ୍ୟୁଏସ୍ଏସ୍ ବ୍ଲକ କନିଷ୍ଠ ଯନ୍ତ୍ରୀ ଅଶ୍ୱିନୀ କୁମାର କହଁରଙ୍କୁ ପଚାରିବାରୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଗ୍ରାମବାସୀ ଦୁଇଗୋଷ୍ଠୀଙ୍କ ମଧ୍ୟରେ ମତାନ୍ତର ଥିବାରୁ ଜଳଯୋଗାଣ ପାଇପ୍ ଫଟାଇ ଦେଇଛନ୍ତି। ଫଳରେ ଜଳଯୋଗାଣ ବାଧାପ୍ରାପ୍ତ ହୋଇଥିବା ସେ କହିଛନ୍ତି।

## ଦ୍ୱିତୀୟଥର ମାଷ୍ଟର୍ସ ଚାମ୍ପିୟନ ହେଲେ କଳାକର

ସୁନାବେଡ଼ା,୨୪।୨(କୃତ୍ତିବାସ ପ୍ରଧାନ)



କଳାକର ପ୍ରଧାନ।

କଟକ ନୂଆ ବଜାରସ୍ଥିତ ମଲ୍ଟିପୁଲ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମାଷ୍ଟରର୍ସ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ-୨୦୨୫ ଟାଇଟଲ ହାସଲ କରିଛନ୍ତି କଳାକର ପ୍ରଧାନ। ୟୁନେକ୍ସ ସନ୍‌ରାଇଜ ଏବଂ ଓଡ଼ିଶା ଷ୍ଟେଟ ବ୍ୟାଡ୍‌ମିଣ୍ଟନ ଆସୋସିଏସନ(ଓଏସ୍‌ବିଏ)ର ମିଳିତ ଆନୁକୂଲ୍ୟରେ ଟୁର୍ନାମେଣ୍ଟ ଫେବୃଆରୀ ୨୧ରୁ ୨୩ ଯାଏ ଚାଲିଥିଲା। ବ୍ୟାଡ୍‌ମିଣ୍ଟନ ମାଷ୍ଟରର୍ସ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଜିଲାରୁ ୩୫ରୁ ୭୦ ପ୍ଲସ୍ ବର୍ଗର ୯୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରୁ ୮ ଖେଳାଳି ଅଂଶ ଗ୍ରହଣ କରିଥିଲେ। ୫୫ ପ୍ଲସ୍ ଟୁର୍ନାମେଣ୍ଟର ସେମିଫାଇନାଲରେ କଳାହାଣ୍ଡି ଜିଲାର ହେମନ୍ତ ମିଶ୍ରଙ୍କୁ ୨୧-୧୦ ଓ ୨୧-୧୦ ସେଟ୍‌ରେ ହରାଇ କଳାକର ମାଷ୍ଟର୍ସ ସିଙ୍ଗଲ୍ସ ଫାଇନାଲକୁ ପ୍ରବେଶ କରିଥିଲେ। ଫାଇନାଲରେ ଢେଙ୍କାନାଳର ଧର୍ମେନ୍ଦ୍ର ମହାପାତ୍ରଙ୍କୁ ୧୭-୨୧, ୧୯-୨୧ ସେଟ୍‌ରେ ପରାସ୍ତକରି ସିଙ୍ଗଲ୍ସ ବର୍ଗରେ ଟାଇଟଲ ହାସଲ କରିଛନ୍ତି। ୫୦ ପ୍ଲସ୍ ବର୍ଗ ପ୍ରତିଯୋଗିତାରେ ମଧ୍ୟ ଅଂଶ ଗ୍ରହଣ କରି ରନର୍ସ ଅପ୍ ହୋଇଛନ୍ତି। ୫୫ ପ୍ଲସ୍ ଡବଲ୍ସରେ କଳାହାଣ୍ଡିର ଚତୁର୍ଭୁଜ ନାୟକଙ୍କ ସହ ମିଶି ଦ୍ୱିତୀୟ ବିଜେତା ହୋଇଥିଲେ। ଚଳିତବର୍ଷ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନରେ କାଳାକର ଦ୍ୱିତୀୟ ଚାମ୍ପିୟନଶିପ ଟାଇଟଲ। ସେ ଷଷ୍ଠଥର ପାଇଁ ମାର୍ଚ୍ଚ ୨୧ରୁ ୨୩ରେ ଗୋଆରେ ହେବାକୁ ଥିବା ଜାତୀୟସ୍ତରୀୟ ଚାମ୍ପିୟନଶିପ୍‌ରେ ଯୋଗ ଦେବାକୁ ମନୋନୀତ ହୋଇଛନ୍ତି। ପୂର୍ବରୁ ରାଜ୍ୟ ଓ ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟରେ ବହୁ କୃତିତ୍ୱ ହାସଲ କରିଥିବା ବେଳେ ଜିଲା ଓ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ କୌଣସି ସହାୟତା ମିଳୁ ନ ଥିବାରୁ ଦୁଃଖ ପ୍ରକାଶ କରିଛନ୍ତି। ଓଏସ୍‌ବିଏର ସଭାପତି ଆଇଏଏସ୍ ରାଜେଶ ପ୍ରଭାକର ପାଟିଲ, ହନୀ ସମ୍ପାଦକ ନିଲେନ କୁମାର ଓ ଏସ୍‌ବିଏ ମୁଖ୍ୟ ରେଫରି ସୁଧୀର ମିଶ୍ର ଓ କଟକ ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନ ସାଙ୍ଗଠନିକ ସମ୍ପାଦକ ସତ୍ୟସୁନ୍ଦର ଦାସ ପ୍ରମୁଖ ବିଜେତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

## ସମସ୍ୟା ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ

**ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି**

ସୁନାବେଡ଼ା/ସେମିଳିଗୁଡ଼ା,୨୪।୨
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



ଶିବିରରେ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ସେମିଳିଗୁଡ଼ା ବ୍ଲକ୍ ଖୁଡ଼ି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଉନ୍ନୟନ ଅଧିକାରୀ(ଜିପିଡିଓ) ଅଜିତ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ପାନୀୟ ଜଳ, ଭତ୍ତା ଓ ପଞ୍ଚାୟତର ବିଭିନ୍ନ ଉନ୍ନୟନ ସମ୍ପର୍କିତ ୭ଟି ସମସ୍ୟା ରହିଥିଲା। ଅଭିଯୋଗଗୁଡିକର ଶୀଘ୍ର ସମାଧାନ କରିବା ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ସରପଞ୍ଚ ଲକ୍ଷ୍ମୀରାଣୀ ଜାନୀ, ନାଏବ ସରପଞ୍ଚ ଧନମନ୍ତୀ ହନ୍ତାଳ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ(ଡବ୍ଲୁଇଓ) ହରପ୍ରସାଦ ଦାସ, ବିଏସ୍ଏସ୍ଓ ଟି.ଶୁରଭି, ଆଇସିଡିଏସ୍ ସୁପରଭାଇଜର ମଞ୍ଜୁବାଳା ନାୟକ, ସେମିଳିଗୁଡା ବନାଞ୍ଚଳ ବିଭାଗର ନମିତା ଖରା, ଉଦ୍ୟାନ ବିଭାଗର ଏଚ୍ଓ ସମରା ହନ୍ତାଳ, କୃଷି ବିଭାଗ ମାଳତୀ ସୋରେନ ଓ ଆରଡବ୍ଲ୍ୟୁଏସ୍ଏସ୍ ସହକାରୀ ଯନ୍ତ୍ରୀ ଗଙ୍ଗାଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ଓ ବୃଦ୍ଧାବୃଦ୍ଧଙ୍କ ପାଇଁ ଥିବା ସରକାରୀ ଯୋଜନା ନେଇ ଅଧିକାରୀମାନେ ସଚେତନ କରିଥିଲେ। ଗାଁରେ ଟେଲିଫୋନ ଟାୱାର ନ ଥିବାରୁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶୀଘ୍ର ପଞ୍ଚାୟତରେ ଗୋଟିଏ ମୋବାଇଲ ଟାୱାର ନିର୍ମାଣ ପାଇଁ ଦାବି କରିଥିଲେ। ଏହାଛଡା ୧ହଜାର ଟଙ୍କା ଭତ୍ତାରେ ଚଳିବା କଷ୍ଟ ହେଉଥିବାରୁ ଅଭିଯୋଗ କରିବା ସହ ଭତ୍ତା ବଢାଇବାକୁ ଗାଁର ବୃଦ୍ଧା ଖିଲ କାଳୀମଣି ଓ ଗଙ୍ଗା ମାଝୀ ଆଦି ନିବେଦନ କରିଥିଲେ। କାର୍ଯ୍ୟକ୍ରମ ପୂର୍ବ ନିର୍ଦ୍ଧାରିତ ସମୟରେ ଆରମ୍ଭ ନ ହୋଇ ୨ ଘଣ୍ଟା ବିଳମ୍ବରେ ଅଧିକାରୀମାନେ ପହଞ୍ଚିଥିଲେ। ଶିବିରରେ ସମସ୍ତ ଲାଇନ ଡିପାର୍ଟମେଣ୍ଟର ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବା ନିୟମ ଥିବା ବେଳେ ଆରଡି, ଶିକ୍ଷା, ସ୍ୱାସ୍ଥ୍ୟ, ପୋଲିସ,ରାଜସ୍ୱ ବିଭାଗ ଅଧିକାରୀ ଓ ବ୍ଲକ୍ ଉନ୍ନୟନ ଅଧିକାରୀ ଅନୁପସ୍ଥିତ ଥିଲେ। ଫଳରେ ଏଥିସହ ଜଡ଼ିତ ସମସ୍ୟାର ସମାଧାନ ହୋଇପାରି ନ ଥିଲା। ଏହାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଗାଁରେ ମୋବାଇଲ ଟାୱାର ନ ଥିବା ଦ୍ୱାରା ସରକାରୀ ଯୋଜନା ଓ ପିଲାଙ୍କ ପାଠ ପଢ଼ା ସହ ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ଖବର ପାଇବାରୁ ଗ୍ରାମବାସୀ ବଞ୍ଚିତ ହେଉଥିବା ଖୁଡ଼ି ପଞ୍ଚାୟତ ସରପଞ୍ଚ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ଶୁଣାଣିରେ ଅଧିକାରୀଙ୍କ ଅନୁପସ୍ଥିତି ଓ କାର୍ଯ୍ୟକ୍ରମରେ ବିଳମ୍ବରେ ପହଞ୍ଚିବା କାରଣ ଜାଣିବାକୁ ସେମିଳିଗୁଡା ବିଡିଓ ଯଷ୍ମିନ ପ୍ରଧାନଙ୍କୁ ମୋବାଇଲ ନଂ ୬୩୭୨୦୨୭୩୩୬ରେ ବାରମ୍ବାର କଲ୍ କରିଥିଲେ ସୁଦ୍ଧା ସେ ଏହାକୁ ଗ୍ରହଣ କରିନଥିଲେ।

## ୨୮ରେ ଜଗନ୍ନାଥ ସାଗର ସଂଘର୍ଷ ସମିତିର ଗଣଧାରଣା

ଜୟପୁର,୨୪।୨(ପବନ ପାଣିଗ୍ରାହୀ)

ଜୟପୁର ଜୟନଗର ପାର୍କ ପରିସରରେ ମୋ ଜଗନ୍ନାଥ ସାଗର ଟ୍ରଷ୍ଟ ପକ୍ଷରୁ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରଜନୀ କାନ୍ତ ନାୟକଙ୍କ ସଭାପତିତ୍ୱରେ ସହରର ବହୁ ବୁଦ୍ଧିଜୀବୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସାଗରର ପୁନଃଉଦ୍ଧାର ପାଇଁ ଆଲୋଚନା କରିଥିଲେ। ଫେବୃଆରୀ ୨୮ରେ ଜୟପୁର ଟ୍ରାଫିକ ଛକରୁ ଏକ ଶୋଭାଯାତ୍ରା ବାହାରି ଟ୍ରାଫିକ ଛକ ନିକଟରେ ପହଞ୍ଚି ସମସ୍ତ କର୍ମକର୍ତ୍ତା ପୂର୍ବାହ୍ନ ୧୦ଟାରୁ ୫ଟା ଯାଏ ଧାରଣାରେ ବସିବା ପାଇଁ ନିଷ୍ପତ୍ତି ହୋଇଥିଲା। ପରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ। ୧୦ ଦିନରେ କୌଣସି ପଦକ୍ଷେପ ନ ନେଲେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସମସ୍ତ ଜୟପୁରବାସୀ ଏହି ଆନ୍ଦୋଳନରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ ସମିତିର ସଦସ୍ୟ ନିରଞ୍ଜନ ପାଣିଗ୍ରାହୀ, ବାରିଗଡା ଚନ୍ଦ୍ରଶେଖର ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜଗନ୍ନାଥ ସାଗର ବୁଲି ଦେଖିଲେ ପ୍ରାକ୍ତନ ଇଞ୍ଜିନିୟର ଇନ୍ ଚିଫ୍

ଜୟପୁର,୨୪।୨(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଜଗନ୍ନାଥ ସାଗରର ପୁଣି ଥରେ ପୁନଃ ଉଦ୍ଧାର ଓ ଡିପିଆର ପ୍ରସ୍ତୁତ ହେବ। ପୁଣି ଅର୍ଥ ଆସିବ ବୋଲି ଜଗନ୍ନାଥ ସାଗର ଦିନିକିଆ ପରିଦର୍ଶନରେ ଆସିଥିବା ଅବସରପ୍ରାପ୍ତ ଇଞ୍ଜିନିୟର ଇନ ଚିଫ ହାଡିବନ୍ଧୁ ବେହେରା କହିଛନ୍ତି। ସେ ଜୟପୁର ଗସ୍ତରେ ଆସି ଜଗନ୍ନାଥ ସାଗରର ଚାରିକଡ ବୁଲି ଦେଖିଥିଲେ। ସାଗର ପୁନଃ ଉଦ୍ଧାର କରିବା ପାଇଁ ଡିପିଆର ପ୍ରସ୍ତୁତ କରି ଦେବାକୁ କହିଥିଲେ। ଶୀଘ୍ର ଡିପିଆର ଦେଲେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଥିଲେ। ସାଗର ବୁଲି ଦେଖିବା ପରେ ଉପଜିଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ଶସ୍ୟା ରେଡ୍ଡୀଙ୍କ ସହ ସାକ୍ଷାତ କରି ଭୁବନେଶ୍ୱର ଚାଲିଯାଇଥିଲେ।

## ଚିକିତ୍ସା ପାଇଁ ସହାୟତା ଲୋଡିଲେ ପରିବାର



ସ୍ତ୍ରୀ ଉତ୍ତୋଙ୍କ ସହ ଈଶ୍ୱର ମୁଦୁଲି।

ଦଶମନ୍ତପୁର,୨୪।୨(ଅରବିନ୍ଦ ନାୟକ)

**୨ ବର୍ଷ ହେବ ଶଯ୍ୟାଶାୟୀ ଈଶ୍ୱର**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ସଦର ପଞ୍ଚାୟତ ଅଧିନ କଲାଟି ଗୁଡ଼ା ଗ୍ରାମର ଈଶ୍ୱର ମୁଦୁଲି(୪୫) ୨ ବର୍ଷ ହେବ ଶର୍ଯ୍ୟାଶାୟୀ ଅବସ୍ଥାରେ ଦିନ କାଟୁଛନ୍ତି। ତାଙ୍କ ସ୍ତ୍ରୀ ଉତ୍ତୋ ମୁଦୁଲିଙ୍କ କହିବାନୁଯାୟୀ ତାଙ୍କର ୨ ଝିଅ ଓ ୨ ପୁଅ ରହିଛନ୍ତି। ସ୍ୱାମୀ ଈଶ୍ୱର ପୂର୍ବରୁ ଗଛରୁ ପଡି ଅଣ୍ଟା ଭାଙ୍ଗି ଯାଇଥିଲା। ଚିକିତ୍ସା ପରେ ଭଲ ହେଉଥିଲେ। କିନ୍ତୁ ୨ ବର୍ଷ ହେବ ଶୋଇଥିବା ସମୟରେ ତାଙ୍କ ବାମ ହାତ ଓ ଗୋଡ ଅଚଳ ହୋଇଯାଇଥିଲା। ଏହାଦ୍ୱାରା ତାଙ୍କର ଶୋଇବା, ଖାଇବା ଓ ଶୌଚାଳୟ ଆଦି ସେବା ସ୍ତ୍ରୀ କରୁଥିବା କହିଛନ୍ତି। ଘରର ସେହିଁ ଜଣେ ରୋଜଗାରିଆ ଥିବା ବେଳେ ବର୍ତ୍ତମାନ ଅଚଳ। ୪ ଝିଅପୁଅ ଅବିବାହିତ ହୋଇ ଥିବା ଈଶ୍ୱରଙ୍କ ସ୍ତ୍ରୀ କହିଛନ୍ତି। କୁଲି ଭୁତି କରିବା ସହ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମ ପାଇଁ ମିଳୁଥିବା ଭତ୍ତା ପଇସାରେ ପରିବାର ଚଳୁଥିବା ସ୍ତ୍ରୀ ଉତ୍ତୋ କହିଛନ୍ତି। ଈଶ୍ୱରଙ୍କ ଚିକିତ୍ସା ପାଇଁ ଅର୍ଥ ନ ଥିବାରୁ ସରକାରଙ୍କ ପକ୍ଷରୁ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ପ୍ରଶାସନକୁ ପରିବାର ଓ ଗ୍ରାମବାସୀ ନିବେଦନ କରିଛନ୍ତି।

## ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ନେଇ ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଜୟପୁର,୨୪।୨(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ସଭାଗୃହରେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାର ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୨ ପଞ୍ଚାୟତରେ ପ୍ରକଳ୍ପ ଅନୁମୋଦନ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ଏମ୍‌ପି ପ୍ରତିନିଧି କୃଷ୍ଣ ଚନ୍ଦ୍ର ନେପାକ, ବିଧାୟକ ପ୍ରତିନିଧି ବସନ୍ତ ନାୟକ, ଜିଲା ପରିଷଦ ସଭ୍ୟା ରଶ୍ମି ରଥ, ଆସ୍ଥା ନାୟକ ଓ ସହକାରୀ ଯନ୍ତ୍ରୀ ବିଜୟ କୁମାର ନନ୍ଦ ଉପସ୍ଥିତ ଥିଲେ। ବୈଠକରେ ବ୍ଲକର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ। ଫେବୃଆରୀ ୧୨ ଓ ୧୩ରେ ଗ୍ରାମ ସଭା ହୋଇଥିଲା। ବୈଠକରେ ଆସିଥିବା ପ୍ରକଳ୍ପ ଉପରେ ଆଲୋଚନା କରାଯାଇ ବାର୍ଷିକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା।

## ଜିଲା ଖବରଦାତା ସଂଘ ବୈଠକ

କୋରାପୁଟ,୨୪।୨(ଅମିତାଭ ବେହେରା)

ଓୟୁଜେ ଅନୁବନ୍ଧିତ କୋରାପୁଟ ଜିଲା ଖବରଦାତା ସଂଘର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ପ୍ରେସ୍ କ୍ଲବ୍‌ରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଶଶଧର ରାଉତଙ୍କ ସଭାପତିତ୍ୱରେ ବିଭିନ୍ନ ବ୍ଲକ୍‌ରୁ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ମାର୍ଚ୍ଚ ୫ରେ ଅନୁଷ୍ଠିତ ହେବାକୁ ଥିବା ଜିଲା ପରିଷଦ ବୈଠକ ନେଇ ଆଲୋଚନା କରିଥିଲେ। ଏଥିରେ କୋରାପୁଟ ଏମ୍‌ପି, କୋଟପାଡ଼, ଜୟପୁର, କୋରାପୁଟ, ଲକ୍ଷ୍ମୀପୁର ଏବଂ ପଟ୍ଟାଙ୍ଗି ବିଧାୟକଙ୍କୁ ଅତିଥି ଭାବେ ଆମନ୍ତ୍ରଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଜିଲା ମୁଖ୍ୟ ଦପ୍ତରରେ ଖବରଦାତା ଭବନ ନିର୍ମାଣ ହୋଇ ନ ଥିବାରୁ ଜିଲା ଖବରଦାତା କଲ୍ୟାଣ ପାଣ୍ଠି ଗଠନ ପାଇଁ ସଂଘର ପ୍ରାଥମିକ ଉଦ୍ୟମ ରହିବ ବୋଲି ସଭାପତି ରାଉତ କହିଥିଲେ। ଖବରଦାତାଙ୍କ ଜୀବନବୀମା ବୃଦ୍ଧି ସହ ଏଥିରେ ମା'ବାପାଙ୍କୁ ସାମିଲ କରିବା ଆଦି ସମସ୍ୟା ନେଇ ଆଲୋଚନା ହୋଇଥିଲା। ବୈଠକରେ କାର୍ଯ୍ୟକାରୀ ସଭାପତି ଶରତ କୁମାର ନାୟକ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ସମ୍ପାଦକ ଶରତ ଧଳ, ସଙ୍ଗଠନ ସମ୍ପାଦକ ପରମେଶ୍ୱର ସାହୁ, ଯୁଗ୍ମ ସମ୍ପାଦକ ଶୈଳେଶ ଖଡିଆର ଖବରଦାତା କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ଟି. ଗୌରୀଶଙ୍କର, ଶୃଙ୍ଖଳା କମିଟି ଅଧ୍ୟକ୍ଷ ରାଜେନ୍ଦ୍ର ଗୌଡ଼,ଉପଦେଷ୍ଟା ପରିକ୍ଷିତ ବିଶ୍ୱାଳ, ମନୋଜ ପଟ୍ଟନାୟକ, ନନ୍ଦପୁର ବ୍ଲକ୍ ସଂଯୋଜକ ତୁଷାର କାନ୍ତ ମହାନ୍ତି, ଲକ୍ଷ୍ମୀପୁର ବ୍ଲକ୍ ସଂଯୋଜକ ଯୁଧିଷ୍ଠିର ବାଘ, କୋରାପୁଟ ବ୍ଲକ୍ ସଂଯୋଜକ ଅମିତାଭ ବେହେରା, ଦଶମନ୍ତପୁର ପ୍ରମୋଦ କିଶୋର ଖରା, ଜୟପୁର ସୁବ୍ରତ ମହାନ୍ତି, ରଜତ କୁମାର ବାଘ,ବିକ୍ରମ ପାଢ଼ୀ ଓ ଚନ୍ଦ୍ରକାନ୍ତ ସୁତାର ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଖବରଦାତା ସଂଘର ସଦସ୍ୟମାନେ।

# ଗୁପ୍ତେଶ୍ୱର ମନ୍ଦିର ଟିକେଟ ବ୍ୟବସ୍ଥା ବନ୍ଦ ନେଇ ଉପଜିଲାପାଳଙ୍କୁ ଦାବିପତ୍ର

ଜୟପୁର,୨୪।୨(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଗୁପ୍ତେଶ୍ୱର ମନ୍ଦିର ଦର୍ଶନ ପାଇଁ ପ୍ରଶାସନ କରିଥିବା ଟିକେଟ ବ୍ୟବସ୍ଥାକୁ ବିରୋଧକରି ବୈପାରିଗୁଡ଼ା ହିନ୍ଦୁ ସମାଜ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ସୋମବାର ପ୍ରଦାନ କରାଯାଇଛି। ଜିଲାର ପ୍ରସିଦ୍ଧ ଶୈବପୀଠରେ ଭକ୍ତମାନଙ୍କ ଅଧିକ ସମାଗମ ହେଲେ ଅଞ୍ଚଳର ବିକାଶ ହେଉଛି। କିନ୍ତୁ ମହାଦେବଙ୍କୁ ଦର୍ଶନ କରିବାକୁ ପ୍ରଶାସନ ୧୦ଟଙ୍କା ଖଜଣା ଦେବାକୁ ବାଧ କରୁଥିବା ଏକ ଲଜ୍ଜାଜନକ ବିଷୟ ବୋଲି ଅଭିଯୋଗ କରାଯାଇଛି। ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଓ ପୁରୀ ଜଗନ୍ନାଥ ମନ୍ଦିରରେ ମଧ୍ୟ ଟିକେଟ ବ୍ୟବସ୍ଥା କରାଯାଇ ନ ଥିବା ବେଳେ କାହିଁକି ଏଠି ଆଦାୟ କରାଯାଉଛି। ହିନ୍ଦୁମାନଙ୍କ ପ୍ରତି ଅନ୍ୟାୟ କରାଯାଉଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ପ୍ରଶାସନ ଏହି ଟିକେଟ ବ୍ୟବସ୍ଥାକୁ ନ ଉଠାଇଲେ ଆଗାମୀ ଦିନରେ ହିନ୍ଦୁ ସମାଜ ପକ୍ଷରୁ ରାଜରାସ୍ତା ବନ୍ଦ କରାଯିବା ସହ ଆନ୍ଦୋଳନ କରାଯିବ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଏହି ସମୟରେ ସ୍ୱାମୀ ବିଶ୍ୱମିତ୍ରା ନନ୍ଦ ଗିରି,ରମେଶ ନାରାଜୀ, ଘନ ହନ୍ତାଳ, ରବୀନ୍ଦ୍ର ନାୟକ, ସନ୍ତୋଷ ମିଶ୍ର,ରବି ଖିଲ, ଲମ୍ବୋଦର ସ୍ୱାଇଁ, ପୀତବାସ ପାଙ୍ଗୀ, ଗୌରହରି ମାଳି ଓ ସୁରେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ଦେବାକୁ ଆସିଥିବା ହିନ୍ଦୁ ସମାଜର ସଦସ୍ୟମାନେ।

# ୫୩ ଅଭିଯୋଗ ଶୁଣିଲେ ଜିଲାପାଳ

**ଯୁଗ୍ମ ଅଭିଯୋଗ ଶୁଣାଣି**

କୋରାପୁଟ/ଲକ୍ଷ୍ମୀପୁର,୨୪।୨
(ଅମିତାଭ ବେହେରା/ଅନନ୍ତ ନାୟକ)




ଶିବିରରେ ଜିଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣୁଛନ୍ତି।

ଲକ୍ଷ୍ମୀପୁର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ମୋଟ ୫୩ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ସାମୁହିକ ୩୮ ଏବଂ ବ୍ୟକ୍ତିଗତ ୧୫ ଅଭିଯୋଗ ରହିଥିଲା। ପାନୀୟଜଳ, ବିଦ୍ୟୁତ,ଭତ୍ତା, ଆବାସ ଓ ରାସ୍ତା ଆଦି ଅଭିଯୋଗ ଥିଲା। ଲକ୍ଷ୍ମୀପୁର ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ କୁମୁଦ ଚନ୍ଦ୍ର ସାଉଁଟା କୋଡ଼ିଙ୍ଗା ମାଳି ଖଣି ଉପରେ ଏକ ଲିଖିତ ଅଭିଯୋଗ କରିଥିଲେ। ଦକ୍ଷିଣ ଓଡ଼ିଶା ପ୍ରସିଦ୍ଧ ଅଗ୍ନିଗଙ୍ଗାମା' ଠାକୁରାଣୀ ଘଣ୍ଟ ଯାତ୍ରା ମାର୍ଚ୍ଚ ମାସ ୧୦ରୁ ଆରମ୍ଭ ହେବାକୁ ଥିବା ବେଳେ ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଥିବାରୁ ନିଳାବାଡ଼ି ଅଗ୍ନିଗଙ୍ଗାମାଁ ପୂଜା କମିଟିରେ ସାଗର ସାହୁକାର, ଟି. ଏଙ୍କେଟିଶ୍, ଆନ୍ଧ୍ର ପ୍ରଦେଶ ପାର୍ବତୀପୁରମ୍ ଜିଲାର ଏପିଆରଟିସି ଡିମ୍ ଓ କୋରାପୁଟ ଆରଟିଓଙ୍କ ସହ ଆଲୋଚନା କରି ଏହି ସମୟରେ ଶ୍ରଦ୍ଧାଳୁଙ୍କ ଯାତାୟତ ସୁବିଧା କରାଇବାକୁ କହିଥିଲେ। ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣିରେ ଏସ୍‌ପି ରୋହିତ ବର୍ମା, ସିଡିଏମ୍ଓ ବରଦାକାନ୍ତ ମିଶ୍ର, ସିଡିଓ ବେଣୁଧର ଶବର,ଉପଜିଲାପାଳ ପ୍ରେମଲାଲ ହିଆଲ, ବିଡିଓ ଗୁରେଶ୍ୱର ଭୋଇ,ବ୍ଲକ୍ ଅଧ୍ୟକ୍ଷା ଶୁଆଇ କୁଲେସିକା ଓ ଉପାଧ୍ୟକ୍ଷା ଆରତୀ କୁଳଦୀପ ଉପସ୍ଥିତ ଥିଲେ। ତହସିଲଦାର ନୈବେଦ୍ୟ ଭୋଇ, ଏଇଏମ୍ ପଡ୍ଡନ୍ କୁମାର ବ୍ଲକର୍ ଥିବା ସମସ୍ତ ସରକାରୀ,ବେସରକାରୀ କାର୍ଯ୍ୟାଳୟର ଅଧିକାରୀ, ସମସ୍ତ ଲୋକପ୍ରତିନିଧି ଓ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିପିଓ ସୁଧୀର ବେହେରା ପରିଚାଳନା କରିଥିଲେ। ବ୍ଲକ୍ କାର୍ଯ୍ୟାଳୟ ସମସ୍ତ କର୍ମଚାରୀ, ଯନ୍ତ୍ରୀ,ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ସହଯୋଗ କରିଥିଲେ। ଶେଷରେ କାକିରିଗୁମ୍ମା ଇଉଜିବୀ ବ୍ୟାଙ୍କ ପକ୍ଷରୁ ୬ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୨୧ଲକ୍ଷ, ଆଇଓବି ବ୍ୟାଙ୍କ ପକ୍ଷରୁ ୩ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୫ଲକ୍ଷ ଓ ଏସ୍‌ବିଆଇ ବ୍ୟାଙ୍କ ତରଫରୁ ୨୦ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ଲକ୍ଷ୍ମୀପୁର ଆଇଆଇସି ସୁଜ୍ଞାନୀ ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ୍ ମୁତୟନ ହୋଇଥିଲେ।

# ଘରଡିହ ପଟ୍ଟା ପ୍ରଦାନ ଦାବିରେ ଭୂମିହୀନଙ୍କ ବିକ୍ଷୋଭ

ରାୟଗଡ଼ା,୨୪।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ବିଭିନ୍ନ ଗ୍ରାମରେ ଲୋକଙ୍କୁ ଘରଡିହ ପଟ୍ଟା ପ୍ରଦାନ ଦାବିରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଖିଳ ଭାରତୀୟ କ୍ଷେତ ମଜଦୁର ସଭା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଆନ୍ଦୋଳନରେ ଶତାଧିକ ଭୂମିହୀନ ବ୍ୟକ୍ତି ସାମିଲ ହୋଇଥିଲେ। ଅଖିଳ ଭାରତୀୟ କ୍ଷେତ ମଜଦୁର ସଭା କର୍ମକର୍ତ୍ତାଙ୍କ ନେତୃତ୍ୱରେ ଶତାଧିକ ଭୂମିହୀନ ରାୟଗଡ଼ା ରେଳ ଷ୍ଟେଶନ ନିକଟରେ ଏକାଠି ହୋଇ ଏକ ରାଲି ବାହାରି ସହର ପରିକ୍ରମା କରିଥିଲେ। ପରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିକ୍ଷୋଭକାରୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୭ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଅତିରିକ୍ତ ଜିଲାପାଳ ନବୀନ ନାୟକ ଏହି ଦାବିପତ୍ର ଗ୍ରହଣ କରିଥିଲେ। ଏଥିରେ ରାୟଗଡ଼ା, କାଶୀପୁର, କୋଲନରା ତହସିଲ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଗରିବଙ୍କୁ ଘରଡିହ ପଟ୍ଟା ପ୍ରଦାନର ତାଲିକା ରହିଛି। ସେହିଭଳି ଅନାବାଦୀ ଜମି ପାଇଁ ପ୍ରତିବର୍ଷ କେସ୍ କରାଯିବା ପରିବର୍ତ୍ତେ ସ୍ଥାୟୀ ପଟ୍ଟା ପ୍ରଦାନ ସହ ଚାଷଜମିରୁ ବନ ବିଭାଗ ଚାରାରୋପଣ ନାମରେ ଜବରଦଖଲ ବନ୍ଦ ପାଇଁ ଦାବି ହୋଇଛି। ସେହିଭଳି ଆଇଟିଡିଏ ମାଧ୍ୟମରେ ତେନ୍ତୁଳି କିଣିବା ପାଇଁ ଦାବି ଜଣାଇଥିଲେ। ଅଖିଳ ଭାରତୀୟ କ୍ଷେତ ମଜଦୂର ସଭା ରାଜ୍ୟ ସମ୍ପାଦକ ସୁକାନ୍ତ ମହାନ୍ତି, ନିରାକାର ନାୟକ, ଭଗବାନ ମାଝୀ, ଗଣେଶ ପଣ୍ଡା, ଶ୍ୟାମସୁନ୍ଦର ମାଣ୍ଡାଙ୍ଗି, ଟୁଟୁ ତାଡିଙ୍ଗି, ଟି. ଚକ୍ରପାଣି ପ୍ରମୁଖ ଏହି ବିକ୍ଷୋଭ ପ୍ରଦର୍ଶନର ନେତୃତ୍ୱ ନେଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭୂମିହୀନମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ନାଳରୁ ଯୁବକଙ୍କ ମୃତଦେହ ଜବତ

ଗୁଣପୁର,୨୪।୨(ପ୍ରଦୀପ କୁମାର ପାଢୀ)

ରାୟଗଡ଼ା ଜିଲ୍ଲା ଗୁଣପୁର ଥାନା ଅଧିନସ୍ଥ ତଥା ରାମନାଗୁଡା ବ୍ଲକ ଆଚବା ଗ୍ରାମ ନିକଟରେ ବୋହୁଥିବା ନାଳରେ ଭାସୁଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ରବିବାର ସନ୍ଧ୍ୟାରେ ଠାବ ହୋଇଥିଲା। ଖବରପାଇ ସୋମବାର ସକାଳେ ଗୁଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ମଅତଦେହ ଉଦ୍ଧାର କରିଛି। ପୋଲିସ ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ କରିଛନ୍ତି। ମୃତ ବ୍ୟକ୍ତି ହେଲେ ବିହାର ଗୟା ଅଞ୍ଚଳର ସୋନୁ କୁମାର ସିଂ । ସେ ଗୁଣପୁର ଆସି ଏକ ଦେଶୀ ମଦ ଭାଟିରେ କାମ କରୁଥିଲେ । ପୋଲିସ ତଦନ୍ତ ପରେ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ଅବଗତ କରାଯାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ୮/୨୫ ରୁଜୁ କରିଥିବା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି।

# ମାଟ୍ରିକ୍ ଇଂଲିଶ ପରୀକ୍ଷାରେ ୨୮ ଛାତ୍ରୀଛାତ୍ର ଅନୁପସ୍ଥିତ


ଛାତ୍ରୀଛାତ୍ର ପରୀକ୍ଷା କେନ୍ଦ୍ରରୁ ବାହାରୁଛନ୍ତି ।

ପାପଡାହାଣ୍ଡି, ୨୪।୨
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ୭ କେନ୍ଦ୍ରରେ ସୋମବାର ଦଶମ ଶ୍ରେଣୀ ବୋର୍ଡର ଇଂଲିଶ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ୭ଟି କେନ୍ଦ୍ରରେ ମୋଟ ୧୪୪୫ ପିଲା ପରୀକ୍ଷା ଦେଉଥିବାବେଳେ ଦ୍ୱିତୀୟ ଦିନ ଇଂଲିଶ ପରୀକ୍ଷା ମୋଟ ୧୪୧୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ୨୮ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ଜଣାପଡ଼ିଛି। ପାପଡାହାଣ୍ଡି ସରକାରୀ ଲାଲ ବାହାଦୂର ଉଚ୍ଚ ବିଦ୍ୟାଳୟ, ଟିକରାପାଲା ସରକାରୀ ଉଚ୍ଚ ବିଦ୍ୟାଳୟ, ଶିରିଶି ସରକାରୀ ଉଚ୍ଚ ବିଦ୍ୟାଳୟ, ତୁମ୍ୱର୍ଲା ହରିଶ୍ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ମଇଦଲପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ଦଳେଇଗୁଡା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ, ଏସ୍‌ଏସ୍‌ଡି ଜଟାବାଲ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହୋଇଥିଲା। ନୋଡାଲ ଅଧିକାରୀ ଭାବେ ସରକାରୀ ଲାଲ ବାହାଦୂର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଭାରତୀ ବିଶୋଇ ପରିଚାଳନା କରିଥିବା ବେଳେ କନିଷ୍ଠ ଯନ୍ତ୍ରୀ ଓ ବିଇଓ ସୋମେନ୍ଦ୍ର ଭୌମିକ ଅବଜର୍ଭର ଦାୟିତ୍ୱ ତୁଲାଇଥିଲେ । ସମସ୍ତ କେନ୍ଦ୍ରରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ମୁଣ୍ଡରେ ଡବା ଲାଗି ବୁଲୁଥିବା ବିଲୁଆ ଉଦ୍ଧାର

ପାପଡ଼ାହାଣ୍ଡି, ୨୪।୨
(ସ୍ୱପ୍ନଜିତ ପଟ୍ଟନାୟକ)



ଖାଦ୍ୟ ଅନ୍ୱେଷଣରେ ସୋମବାର ସକାଳେ ନବରଙ୍ଗପୁର ଜିଲା ପାପଡାହାଣ୍ଡି ନିକଟସ୍ଥ ଭୀମାସାହି ଭିତରକୁ ଏକ ବିଲୁଆ ପଶି ଆସିଥିଲା। ତେବେ ଖାଦ୍ୟ ଖାଇବା ବେଳେ ବିଲୁଆ ମୁଣ୍ଡରେ ଏକ ଚକୋଲେଟ ଡବା ପଶିଯିବାରୁ ଛଟପଟ ହୋଇ ଏପଟ ସେପଟ ଧାଇଁଥିଲା। ପ୍ରାଣ ବିକଳରେ ବିଲୁଆଟି ରାଜୀବ ହରିଜନଙ୍କ ଘର ଭିତରେ ପଶୁଥିବା ବେଳେ କୁକୁରମାନେ ଭୁକି ଘଉଡ଼ାଇଥିଲେ। ରାଜୀବ ଓ ତାଙ୍କ ଭାଇ ସହଦେବ ବିଲୁଆକୁ କାବୁକରି ବନ ବିଭାଗକୁ ଖବରଦେବା ପରେ ବନ୍ୟଜନ୍ତୁ ଉଦ୍ଧାରକାରୀ ଦଳ ପହଞ୍ଚି ବିଲୁଆ ମୁଣ୍ଡରୁ ଡବାଟିକୁ କାଢ଼ିଥିଲେ । ସେଠାରୁ ବିଲୁଆର ସ୍ୱାସ୍ଥ୍ୟ ପରୀକ୍ଷା କରିବା ଲାଗି ମୃଗ ବିହାରକୁ ନିଆଯାଇଥିଲା । ସ୍ୱାସ୍ଥ୍ୟ ପରୀକ୍ଷା ପରେ ବିଲୁଆକୁ ନିକଟସ୍ଥ ଜଙ୍ଗଲକୁ ଛଡ଼ାଯିବ ବୋଲି ସୂଚନା ମିଳିଛି। ଏହି ସମୟରେ ବନ୍ୟଜନ୍ତୁ ଉଦ୍ଧାରକାରୀ ଦଳର ଏ. ମନୋଜ, ସୁନୀଲ କୁମାର ବେହେରାଙ୍କ ସହ ପାପଡ଼ାହାଣ୍ଡି ବନପାଳ ଗୋବିନ୍ଦ ନାୟକ, ଗଗନ ନିଆଲ, ସୁଶାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାର ୪୮,୬୦୬ ଚାଷୀଙ୍କ ଆକାଉଣ୍ଟକୁ ଆସିଲା ଟଙ୍କା

ରାୟଗଡା,୨୪।୨(ଆଶିଷ ରଞ୍ଜନ ପଣ୍ଡା)

## ପିଏମ୍ କିଷାନ ସମ୍ମାନ ନିଧି କିସ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଆଭାସି କାର୍ଯ୍ୟକ୍ରମ ମାଧ୍ୟମରେ ପିଏମ୍ କିଷାନ ସମ୍ମାନ ନିଧିର ୧୯ତମ କିସ୍ତି ଟଙ୍କା ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅପରାହ୍ନରେ ଜିଲାସ୍ତରୀୟ କିସାନ ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ପ୍ରଧାନମନ୍ତ୍ରୀଙ୍କ ସିଧା ପ୍ରସାରଣ କାର୍ଯ୍ୟକ୍ରମ ଦେଖିବାର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ୨୫୦ଜଣ ପିଏମ କିଷାନ ହିତାଧିକାରୀ ଅଂଶଗ୍ରହଣ କରିଥିଲେ। ଜିଲାର ସର୍ବମୋଟ ୪୮୬୦୬ ଜଣ ପିଏମ କିଷାନ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଆସିଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର ସୂଚନା ଦେଇଛନ୍ତି ।

ଏଥିରେ ବିଷମକଟକ ବ୍ଲକରୁ ୩୯୬୬ଜଣ, ଚନ୍ଦ୍ରପୁରରୁ ୨୫୧୩ଜଣ, ଗୁଡାରୀରୁ ୩୭୧୪, ଗୁଣପୁରରୁ ୪୫୮୫ ଚାଷୀଙ୍କ ଖାତାରେ ଟଙ୍କା ଜମା ହୋଇଛି। ସେହିପରି କଲ୍ୟାଣସିଂପୁର ବ୍ଲକ୍‌ରୁ ୪୨୦୮ ଚାଷୀ, କାଶିପୁର ବ୍ଲକରୁ ସର୍ବାଧିକ ୭୫୨୪ ଚାଷୀ, କୋଲନରାରୁ ୪୪୪୫ଜଣ, ମୁନିଗୁଡା ୪୬୬୮ ଜଣ ଏବଂ ପଦ୍ମପୁର ବ୍ଲକ୍‌ରୁ ୩୭୧୫ଜଣ, ରାମନାଗୁଡାରୁ ୩୧୪୯ ଓ ରାୟଗଡା ବ୍ଲକରୁ ୬୧୧୯ ଚାଷୀଙ୍କୁ ସୋମବାର ୧୯ତମ କିସ୍ତି ୨ହଜାର ଟଙ୍କା ଲେଖାଁଏ ଡିବିଟି ମାଧ୍ୟମରେ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଇଥିବା ନେଇ ଜିଲା ମୁଖ୍ୟ କୃଷି ଅଧିକାରୀ କର ସୂଚନା ଦେଇଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ୧୮ତମ କିସ୍ତି ୨୦୨୪ ଅକ୍ଟୋବର ୫ରେ ପ୍ରଦାନ କରିଥିଲେ । ଏହି ଯୋଜନାରେ ବର୍ଷକୁ ୩ଟି କିସ୍ତିରେ ୨ହଜାର ଟଙ୍କା ଲେଖାଁଏ ୬ହଜାର ଟଙ୍କା ପ୍ରତି ୪ମାସ ବ୍ୟବଧାନରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ବୋଲି କର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ନିଯୋଜନ ଅଧିକାରୀ ତଥା ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତତ୍ତ୍ୱମସୀ ମହାପାତ୍ର , ଜିଲା ମତ୍ସ୍ୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ, ବୈଜ୍ଞାନିକ (କେବିକେ) ରାୟଗଡା ଡ.ଅରିନ୍ଦିତ ରଏ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡ.ଦେବରାଜ ନାୟକ, ଡିଆଇଓ, ଏନଆଇସି ଏନ.ଗୁଣ ଶେଖର, ଡିଆଇପିଆର କାର୍ଯ୍ୟାଳୟ ଷ୍ଟାଫ ଉମ୍ମରୁଧର ପଣ୍ଡାଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ବାଲୁଙ୍କେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ


ବାଲୁଙ୍କେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି।

ରାୟଗଡା, ୨୪।୨ (ଭାଗ୍ୟଶ୍ରୀ ମିଶ୍ର)

## ଚାଲିଛି ବିଶ୍ୱଶାନ୍ତି ତ୍ର୍ୟେମ୍ବକ ମହାଯଜ୍ଞ

ରାୟଗଡା ସହରର ଖୀନଖୀନା ପାହାଡ ନିକଟରେ ଥିବା ସର୍ବ ପୁରାତନ ସ୍ୱୟମ୍ଭୁ ଦେବତା ବାଲୁଙ୍କେଶ୍ୱର ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ, ମହାଶିବରାତ୍ର ଏବଂ ବିଶ୍ୱଶାନ୍ତି ତ୍ର୍ୟମ୍ବକ ମହାଯଜ୍ଞ ସହିତ ମହାପ୍ରଭୁଙ୍କ ନବର୍ନିମିତ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ସପ୍ତାହେବ୍ୟାପି ଯଜ୍ଞ, ପୂଜାପାଠ କରାଯିବ ବୋଲି ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି। ସୋମବାର ମନ୍ଦିରରେ ଦୀକ୍ଷାଗ୍ରହଣ, ଜଳଯାତ୍ରା, ଅଙ୍କୁରା ରୋପଣ କର୍ମାରମ୍ଭ, ଶାଳା ସଂସ୍କାର, କୁଣ୍ଡାଗ୍ନି ସଂସ୍କାର, ସବିଗ୍ରହ ପ୍ରାସାଦ ଧାନ୍ୟାଧିବାସ ହୋମ ଆରତୀ ପୁଷ୍ପାଞ୍ଜଳି ପୂଜାବିଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଙ୍ଗଳବାର କର୍ମାରମ୍ଭ, ସୂର୍ଯ୍ୟପୂଜା, ଗୋପୂଜା, ଶାଲଙ୍ଗି ଭୂତ ସମସ୍ତ ଦେବତା ପୂଜା, ବାଲୁଙ୍କେଶ୍ୱର ମହାଦେବଙ୍କ ଷୋଡଶ ଉପଚାର ପୂଜା, ମହାରୁଦ୍ରାଭିଷେକ, ବିଲୱ ପତ୍ରାର୍ଚ୍ଚନ,ସବିଗ୍ରହ ସ୍ନାନାଧିବାସ ଓ ପ୍ରାଣ ପ୍ରତିଷ୍ଠା ପୂଜା କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ସେହିପରି ତୃତୀୟ ଦିନ ବୁଧବାରରେ ଶିବରାତ୍ରୀ ଯୋଗୁଁ ବିଶେଷ ପୂଜା ବିଧାନ ସହ ଅଷ୍ଟାଧାପୀୟରେ ହୋମ ଆରତୀ ପୁଷ୍ପାଞ୍ଜଳି କରାଯିବା ସହ ଗୁରୁବାର ଓ ଶୁକ୍ରବାରରେ କର୍ମାରମ୍ଭ ଅନ୍ୟ ପୂଜା ବିଧି ଅନୁଷ୍ଠିତ ହେବ। ଶନିବାର ନବର୍ନିମିତ ମନ୍ଦିରରେ ନୂତନ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା, ସ୍ନାନ ଏବଂ ସପ୍ତମ ଦିନରେ ନୂତନ ବିଗ୍ରହଗୁଡିକ ସିଂହାସନାରୂଢ଼, ଧ୍ୱଜ ସ୍ଥାପ, ତ୍ରିଶୁଳ ପ୍ରତିଷ୍ଠା ସହ ସନ୍ଧ୍ୟା ୭ଟା୨୦ରେ ପୂର୍ଣ୍ଣାହୁତି ଦିଆଯିବ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ରହିଛି ।

# ନନ୍ଦାହାଣ୍ଡିରେ ଯୁଗ୍ମ ଅଭିଯୋଗ ଶୁଣାଣି

ନନ୍ଦାହାଣ୍ଡି,୨୪।୨ (ପ୍ରତୀପ କୁମାର ଦାଶ)

## ପ୍ରଚାରପ୍ରସାର ଅଭାବରୁ ସୂଚନା ପାଇପାରୁନାହାନ୍ତି ଲୋକେ

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ସମ୍ମିଳନୀ ଗୃହରେ ସୋମବାର ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ , ବ୍ଲକ୍ ଅଧ୍ୟକ୍ଷା ରଶ୍ମିତା ମାଝୀ, ଉପାଧ୍ୟକ୍ଷ ସଦନ ଗୌଡ଼, ଜୋନ୍–୧ର ଜିଲା ପରିଷଦ ସଭ୍ୟ ଦିବ୍ୟଦାନ ସୁନାଙ୍କ ସମେତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଏବଂ ନନ୍ଦାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମାତ୍ର ୨୬ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୯ଟି ବ୍ୟକ୍ତିଗତ ଓ ୭ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ବଳିତ ଅଭିଯୋଗ ଥିଲା। କୌଣସି ସମସ୍ୟାର ତୁରନ୍ତ ସମାଧାନ ହୋଇ ନ ଥିବା ବେଳେ ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ଅଧିକାରୀଙ୍କୁ ଦିଆଯାଇଛି। ବ୍ଲକ୍‌ରେ ହେବାକୁ ଥିବା ଜନଶୁଣାଣି ସୂଚନା ବ୍ଲକ୍‌ବାସୀ ପୂର୍ବରୁ ପାଇପାରୁ ନ ଥିବାରୁ ନିଜ ଅଭିଯୋଗ ନେଇ ଲୋକେ ଶିବିରକୁ ପହଞ୍ଚି ପାରୁ ନ ଥିବା ଅଭିଯୋଗ କରିଛନ୍ତି।



ଜିଲାପାଳ, ଏସ୍‌ପିଙ୍କ ସହ ଅନ୍ୟ ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

# ୪୩ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ

## କୋଲନରାରେ ଯୁଗ୍ମ ଅଭିଯୋଗ ଶୁଣାଣି

କୋଲନରା,୨୪।୨ (ମାନସ ରଞ୍ଜନ ମିଶ୍ର )

ରାୟଗଡ଼ା ଜିଲା କୋଲନରା ବ୍ଲକ୍ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାରୁଲ ପଟୱାରିଙ୍କ ଅନୁପସ୍ଥିତିରେ ରାୟଗଡ଼ା ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ନାୟକ ମୋଟ ୪୩ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୨୭ଟି ସାମୂହିକ ଓ ୧୬ଟି ବ୍ୟକ୍ତିଗତ ଥିବା ଜଣାପଡ଼ିଛି। ଏଥିରେ ଆରକ୍ଷୀ ଅଧୀକ୍ଷକ ସ୍ୱାତି ଏସ୍. କୁମାର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ଡିଏଫ୍‌ଓ ଆନ୍ନା ସାହେବ ଓହୋଲେ, ସିଡିଏମ୍‌ଓ ଲାଲମୋହନ ରାଉତରାୟ ଯୋଗଦେଇ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। କୋଲନରା ବିଡିଓ ରୀନା ପ୍ରଧାନଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।



ଏଡିଏମ୍, ଏସ୍‌ପିଙ୍କ ସହ ଅନ୍ୟ ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

# ଲୋକାଭିମୁଖୀ କାର୍ଯ୍ୟ ପାଇଁ ଖସଡ଼ା ପ୍ରସ୍ତୁତ

ତେନ୍ତୁଳିଖୁଣ୍ଟି,୨୪।୨ (ଚିଦାନନ୍ଦ ସାହୁ)

## ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସ୍ୱତନ୍ତ୍ର ବୈଠକ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସଭାଗୃହଠାରେ ସୋମବାର ସମସ୍ତ ଲୋକପ୍ରତିନିଧି ଏବଂ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ନିଲେନ୍ଦ୍ରୀ ନାୟକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବୈଠକରେ ଗ୍ରାମ ପଞ୍ଚାୟତ ଅଧିକାରୀ ରାଧାକାନ୍ତ ରଣା ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ମାର୍ଗଦର୍ଶିକା ଉପସ୍ଥିତ ଜନପ୍ରତିନିଧିଙ୍କୁ ଅବଗତ କରାଇଥିଲେ। ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରି ପ୍ରଦାନ କରାଯାଇଥିବା ବେଳେ ଅଗ୍ରାଧିକାର ଭିତ୍ତିରେ ଅନୁମୋଦନ ଲାଭ କରିବ ବୋଲି ପ୍ରକାଶ କରିଥିଲେ। ରାସ୍ତାଘାଟ, ଭୋଗ ମଣ୍ଡପ, ଗାଧୁଆ ତୁଠ, ଭାଗବତ ଟୁଙ୍ଗୀ, କଲ୍ୟାଣ ମଣ୍ଡପ, ଡ୍ରେନ, ଶୌଚାଳୟ, ଜଳଯୋଗଣ, ଜଳଜୀବନ ମିଶନ ତରଫରୁ ଆବଶ୍ୟକସ୍ଥଳେ ପାନୀୟ ଜଳର ସୁବିଧା ଭଳି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିବ। ଶିକ୍ଷା କ୍ଷେତ୍ରରେ ଆଧୁନିକ କରଣ, ଭିତ୍ତିଭୂମିର ବିକାଶ ହୋଇପାରିବ, ପାଠାଗାର, କ୍ରୀଡା ଭିତ୍ତିଭୂମିର ବିକାଶ ହୋଇପାରିବ। ସେହିପରି କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ, ୫ବର୍ଷର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ, ପଞ୍ଚାୟତ ରାଜ, ପାନୀୟଜଳ ବିଭାଗ ଦ୍ୱାରା ପରିଚାଳିତ ଏହି ଯୋଜନାରେ ସର୍ବନିମ୍ନ ୩ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇପାରିବ। ଜନସଂଖ୍ୟା ଆଧାରରେ ଜିଲା ପରିଷଦ, ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତ ମାଧ୍ୟମରେ ଆବଣ୍ଟିତ ହୋଇପାରିବ। ପ୍ରକଳ୍ପ ଚୟନ ଗ୍ରାମସଭାରୁ ଆରମ୍ଭ କରି ସର୍ବସାଧାରଣଙ୍କ ସହମତିରେ ଗ୍ରାମ ପଞ୍ଚାୟତ ମାଧ୍ୟମରେ ପଞ୍ଚାୟତ ସମିତିରେ ଦାଖଲ କରାଯିବ। ବୈଷୟିକ କମିଟି ଦ୍ୱାରା ପ୍ରସ୍ତାବିତ ପ୍ରକଳ୍ପକୁ ଯାଞ୍ଚ କରାଯିବ। ଏହାପରେ ଜିଲାପାଳଙ୍କ ଅନୁମୋଦନ ପରେ କାର୍ଯ୍ୟକାରୀ ହେବ ବୋଲି ସୂଚନା ଦିଆଯାଇଥିଲା।

ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିଲେନ୍ଦ୍ରୀ ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଏମ୍‌ପି ପ୍ରତିନିଧି ସନ୍ତୋଷ ପାତ୍ର, ଜିଲା ପରିଷଦ ଜୋନ–୧ କ୍ରିଷ୍ଣା ମଞ୍ଜରୀ ବଷୋୟୀ, ଜିଲା ପରିଷଦ ଜୋନ–୨ ରତିକାନ୍ତ ପଣ୍ଡା, ସହକାରୀ ଯନ୍ତ୍ରୀ ଶଙ୍କର ବୁଡେକ, ଏବିଡିଓ କୃପାସିନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ୧୫ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।


ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ।

# ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ରୂପାୟନ ନେଇ ଆଲୋଚନା

## ମୁନିଗୁଡ଼ା ପଞ୍ଚାୟତ ସମିତି ସ୍ୱତନ୍ତ୍ର ବୈଠକ

ମୁନିଗୁଡ଼ା,୨୪।୨ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର ପଞ୍ଚାୟତ ସମିତି ସଦ୍‌ଭାବନା ସଭାଗୃହ ପରିସରରେସୋମବାର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଦୁଃଖିନୀ ନୁନ୍ଦୁକାଙ୍କ ସଭାପତିତ୍ୱ ଓ ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା, ଜିଲା ପରିଷଦ ସଭ୍ୟା ମାଧବୀ କନ୍ଦପାଣି, ବ୍ଲକ୍ ଉପାଧ୍ୟକ୍ଷ ଆଦର୍ଶ କୁସୁଲିଆ, ଏମ୍‌ପି ପ୍ରତିନିଧି ରଜନୀକାନ୍ତ ପଡାଲ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବେହେରା, ସହକାରୀ ଯନ୍ତ୍ରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମନୋରଞ୍ଜନ ବେହେରା ପୂର୍ବ ବୈଠକର ବିବରଣୀ ପାଠ କରିଥିବା ବେଳେ ବିଡିଓ ଦଳପତି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଓ ଏହାର ଆଭିମୁଖ୍ୟ ଉପରେ ଉପସ୍ଥିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନଙ୍କୁ ବୁଝାଇଥିଲେ । ପରେ ସହକାରୀ ଯନ୍ତ୍ରୀ ଭଞ୍ଜଦେଓ ପଞ୍ଚାୟତ ସମିତିର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ବିଭିନ୍ନ ପଞ୍ଚାୟତ ନିମନ୍ତେ ଗମନାଗମନ ଓ ଇନୋଭେଟିକ କାର୍ଯ୍ୟ କରାଯାଇପାରିବ ଓ ଏହି ବୈଠକ ମାଧ୍ୟମରେ କିପରି ଅନୁମୋଦନ ହେବ ଏବଂ ଏହି ସମସ୍ତ କାର୍ଯ୍ୟ ପାଇଁ ପ୍ରାୟ ୩ କୋଟି ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆସିଥିବା ନେଇ ସୂଚନା ଦେଇଥିଲେ । ଏହି ଅବସରରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ,ସମିତି ସଭ୍ୟମାନେ ଏହା କେମିତି ସଠିକ ରୂପେ କାର୍ଯ୍ୟକାରୀ ହେବ ସେ ନେଇ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟ ରେଞ୍ଜର ଅନୀଲ କୁମାର ବାଲା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ସିଡିପିଓ ଡାଳିମ୍ବ ନାୟକ, କନିଷ୍ଠ ଯନ୍ତ୍ରୀ ରମେଶ ମିଞ୍ଜ, ଶୈଳନ୍ଦ୍ର କର, ଓଏଲ୍‌ଏମ୍ ବିପିଏମ୍ ମମତା ରାଉଳ, ଅତିରିକ୍ତ ସାମାଜିକ ସୁରକ୍ଷା ଅଧିକାରୀ କଳ୍ପନା ସାହୁ, ସରପଞ୍ଚ ପ୍ରକାଶ କରସିକା, ଅନନ୍ତ ନୁନ୍ଦୁକା, ସରସ୍ୱତୀ ଶବର, ପାଇକୋ ଜାକାସିକା, ଉପେନ୍ଦ୍ର ସିକକା, ସମିତି ସଭ୍ୟ ଶକୁନ୍ତଳା ନୁନ୍ଦୁକା, ମମତା ପ୍ରାସ୍କା, ଅନଙ୍ଗ ନାଗଙ୍କ ସମେତ ଅନ୍ୟ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଦୀପ ପରିଡା, ଗୌରୀଶ୍ୟାମ ନାୟକ, ସନ୍ଧ୍ୟାରାଣୀ ମଲ୍ଲିକଙ୍କ ସମେତ ଅନ୍ୟମାନେ ପରିଚାଳନା ଓ ସହଯୋଗ କରିଥିଲେ।



ପଞ୍ଚାୟତ ସମିତି ବୈଠକରେ ଜନପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

